୧୬ - ୨୨ ନଭେମ୍ବର, ୨୦୨୫

ରବିବାର
ସକାଳ
THE SAKALA

# ସିନ୍ଦୂରା


- ଆକର୍ଷଣୀୟ ପୁରୀ ବେଳାଭୂମି
- ସୌନ୍ଦର୍ଯ୍ୟମୟୀ ଚନ୍ଦ୍ରଭାଗା
- ବାଲେଶ୍ୱରର ମନୋରମ ବେଳାଭୂମି
- ଗଞ୍ଜାମର ନିଆରା ବେଳାଭୂମି
- ଶିଆଳିର ଚମକ




ଚୂନା ଚୂନା ବାଲି, ଝିରି ଝିରି ପବନ

# ବେଳାଭୂମି ପର୍ଯ୍ୟଟନ




ଭାରତର ସୁନ୍ଦରତା ଓ ବିଶାଳତାର ମୂକସାକ୍ଷୀ ହେଉଛି ସମୁଦ୍ର ବେଳାଭୂମି । ଦେଶର ପଶ୍ଚିମରେ ଆରବ ସାଗର, ଦକ୍ଷିଣରେ ଭାରତ ମହାସାଗର ପୂର୍ବରେ ବଙ୍ଗୋପ ସାଗର ଅବସ୍ଥିତ । ଭାରତର ସମୁଦ୍ର ତଟୀୟ ରାଜ୍ୟ ମଧ୍ୟରେ ଓଡ଼ିଶା ଅନ୍ୟତମ । ଆମ ରାଜ୍ୟର କେତେକ ଜିଲ୍ଲା ସଂଲଗ୍ନରେ ରହିଛି ସମୁଦ୍ରର ବିସ୍ତୀର୍ଣ୍ଣ ବେଳାଭୂମି । ସେଥିମଧ୍ୟରୁ ପୁରୀ, ଗୋପାଳପୁର, ଚନ୍ଦ୍ରଭାଗା, ଆର୍ଯ୍ୟପଲ୍ଲୀ, ସୁନାପୁର, ଚାନ୍ଦିପୁର, ତାଳସାରୀ, ଡଗରା, ପାରାଦୀପ, ଜାହାନିଆ, ଯମୁନାଶୂଳ ଆଦି ବେଳାଭୂମି ଅନ୍ୟତମ । ଏହି ସବୁ ବେଳାଭୂମିର ସୌନ୍ଦର୍ଯ୍ୟ ଦେଶବିଦେଶର ପର୍ଯ୍ୟଟକମାନଙ୍କୁ ଟାଣି ଆଣେ ଓଡ଼ିଶାକୁ । ସମୁଦ୍ରର ନୀଳ ଜଳରାଶି, ତରଙ୍ଗର ଲୁଚକାଳି ଖେଳ, ସୂର୍ଯ୍ୟ କିରଣରେ ଚିକ୍ ଚିକ୍ କରୁଥିବା ସୁନେଲି ବାଲି, ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତର ମନୋରମ ଦୃଶ୍ୟ ପର୍ଯ୍ୟଟକ ଓ ଭାବୁକମାନଙ୍କୁ ଆନମନା କରିଦିଏ । ସେହିପରି କେତେକ ସମୁଦ୍ରରେ ଦୁଃସାହସିକ ଜଳକ୍ରୀଡ଼ା, ବେଳାଭୂମିରେ ଇକୋ ରିଟ୍ରିଟ୍ ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିଥାଏ ।

ଓଡ଼ିଶାର ପର୍ଯ୍ୟଟନ ଶିଳ୍ପରେ ବେଳାଭୂମି ପର୍ଯ୍ୟଟନର ଚାହିଦା ସ୍ୱତନ୍ତ୍ର । ସମୁଦ୍ର ତଟରେ ବୁଲିବାର ମଜା ନିଆରା । ବେଳାଭୂମିର ସୌନ୍ଦର୍ଯ୍ୟ ଉପଭୋଗ କରିବା ସହ ପର୍ଯ୍ୟଟକମାନେ ସ୍ଥାନୀୟ ଅଞ୍ଚଳର କଳା, ସଂସ୍କୃତି, ପରମ୍ପରା, ଖାଦ୍ୟପେୟର ମଜା ମଧ୍ୟ ନେଇଥାନ୍ତି । ତେବେ କେବଳ ସୁନ୍ଦରତା ନୁହେଁ, ବେଳାଭୂମି ଅନେକ ଲୋକଙ୍କୁ ଜୀବିକା ଯୋଗାଉଛି । ବେଳାଭୂମିରେ ବହୁତ ବ୍ୟବସାୟୀ ବିଭିନ୍ନ ସମାଗ୍ରୀ ବିକ୍ରି କରିବା ପାଇଁ ପସରା ମେଲାଇ ଥାଆନ୍ତି । ସାମୁଦ୍ରିକ କଳାକୃତିଠାରୁ ଆରମ୍ଭ କରି ସୁସ୍ୱାଦୁ ଖାଦ୍ୟ ଷ୍ଟଲ୍‌ର ଲମ୍ବା ଧାଡ଼ି ଲାଗିଥାଏ । ହୋଟେଲ, ଲଜ୍ ମାଲିକଙ୍କ ସହିତ ବେଳାଭୂମି ଉପରେ ନିର୍ଭର କରି କରୁଥିବା ବ୍ୟବସାୟୀମାନେ ଦୁଇ ପଇସା ରୋଜଗାର କରି ପରିବାର ପ୍ରତିପୋଷଣ କରିଥାନ୍ତି । ଧୀରେ ଧୀରେ ବେଳାଭୂମି ପର୍ଯ୍ୟଟନର ଆଦର ବଢ଼ିବାରେ ଲାଗିଛି । ଏହି ପରିପ୍ରେକ୍ଷୀରେ ଏଥର 'ସନ୍ଦୂରା'ର ସ୍ୱତନ୍ତ୍ର ପ୍ରତିବେଦନ :

# ଚୂନା ଚୂନା ବାଲି, ଝିରି ଝିରି ପବନ : ବେଳାଭୂମି ପର୍ଯ୍ୟଟନ

ପ୍ରସ୍ତୁତି 'ସକାଳ' ବ୍ୟୁରୋ



ନନ୍ଦିଘୋଷ ନେଟୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ: ୯୦ - ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯
ଇ-ମେଲ୍ : feature@thesakala.com

## କେମିତି କଟିବ ସପ୍ତାହ

**ମେଷ**
ରବି,ସୋମ, ମଙ୍ଗଳବାରରେ ସମସ୍ୟାର ସମାଧାନ ବାହାରିବ । ପ୍ରେମ ଜୀବନରେ ସଫଳତା ପାଇବେ । ବୁଧ, ଗୁରୁବାରରେ ସମାଜରେ ପ୍ରଭାବ ବଢ଼ିବ । ଶୁକ୍ର, ଶନିବାରରେ ଧନଲାଭର ନୂଆ ରାସ୍ତା ପାଇବେ । ଯୋଜନା ଅନୁସାରେ କାର୍ଯ୍ୟ କରିବେ ।

**ବୃଷ**
ରବି, ସୋମ, ମଙ୍ଗଳବାରରେ ସପ୍ତାହ ପ୍ରାରମ୍ଭରୁ ସଫଳତା ହାସଲ କରିବେ । ବୁଧ, ଗୁରୁବାରରେ ଆନନ୍ଦଉଲ୍ଲାସରେ ଦିନ କଟିବ । କ୍ୟାରିୟର ସମ୍ବନ୍ଧୀୟ ସମସ୍ୟାରୁ ମୁକ୍ତି ପାଇବେ । ଶୁକ୍ର, ଶନିବାରରେ କାର୍ଯ୍ୟସ୍ଥଳୀରେ ଉଚ୍ଚଅଧିକାରୀଙ୍କ ସହଯୋଗ ପାଇବେ ।

**ମିଥୁନ**
ରବି, ସୋମ, ମଙ୍ଗଳବାରରେ କର୍ମସ୍ଥଳୀରେ ବିରୋଧୀମାନଙ୍କ କୂଟଚକ୍ରାନ୍ତର ଶିକାର ହେବେ । ସମସ୍ୟାର ସମାଧାନ ବାଟ ପାଇବେ । ବୁଧ, ଗୁରୁବାରରେ ପରିବାର ସହ ତୀର୍ଥସ୍ଥାନ ଭ୍ରମଣ ଯୋଗ ରହିଛି । ଶୁକ୍ର, ଶନିବାରରେ ଧାର୍ମିକ କାର୍ଯ୍ୟରେ ମନୋନିବେଶ କରିବେ ।

**କର୍କଟ**
ରବି, ସୋମ, ମଙ୍ଗଳବାରରେ ପରିବାର ମଧ୍ୟରେ ସମସ୍ୟା ଦେଖାଦେବ । ସାଙ୍ଗସାଥୀ ଏବଂ ଭାଇଭଉଣୀଙ୍କ ସହ ଅଧିକ ସମୟ କଟାଇବେ । ବୁଧ, ଗୁରୁବାରରେ କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ଦୂରଯାତ୍ରା କରିପାରନ୍ତି । ଶୁକ୍ର, ଶନିବାରରେ ଆୟ ତୁଳନାରେ ବ୍ୟୟ ଅଧିକ ରହିବ ।

**ସିଂହ**
ରବି, ସୋମ, ମଙ୍ଗଳବାରରେ ସହକର୍ମୀଙ୍କ ସହଯୋଗ ପାଇ ଆଗକୁ ବଢ଼ିବେ । କୌଣସି ଶୁଭ ଖବର ମିଳିପାରେ । ବୁଧ, ଗୁରୁବାରରେ ଅକସ୍ମାତ୍ ଧନଲାଭର ଯୋଗ ରହିଛି । ଶୁକ୍ର, ଶନିବାରରେ ଖର୍ଚ୍ଚ ବୃଦ୍ଧି ପାଇବାକୁ ଲାଗିବ ।

**କନ୍ୟା**
ରବି, ସୋମ, ମଙ୍ଗଳବାରରେ ସମସ୍ୟାର ସମାଧାନ ରାସ୍ତା ପାଇବେ । ଅଟକି ରହିଥିବା କାର୍ଯ୍ୟ ପୂରଣ ହେବ । ବୁଧ, ଗୁରୁବାରରେ ମହିଳାମାନେ ଆତ୍ମବିଶ୍ୱାସର ସହ କାର୍ଯ୍ୟ କରିବେ । ଶୁକ୍ର, ଶନିବାରରେ ପାରିବାରିକ ଜୀବନ ମଧୁର ହେବ ।

**ତୁଳା**
ରବି, ସୋମ, ମଙ୍ଗଳବାରରେ ମହିଳାମାନେ ସମସ୍ତ କାର୍ଯ୍ୟକୁ ସୁଚାରୁରୂପରେ କରିବେ । ବୁଧ, ଗୁରୁବାରରେ ବ୍ୟବସାୟରେ ଉତ୍ତମ ଫଳ ପାଇବେ । ନୂତନ ନିଯୁକ୍ତି ସୁଯୋଗ ରହିଛି । ଶୁକ୍ର, ଶନିବାରରେ କୌଣସି କଥାକୁ ନେଇ ମାନସିକ ଅବସାଦରେ ରହିପାରନ୍ତି ।

**ବିଛା**
ରବି, ସୋମ, ମଙ୍ଗଳବାରରେ ଦାମ୍ପତ୍ୟ ଜୀବନରେ ମଧୁରତା ଦେଖାଦେବ । ସାବଧାନତାର ସହ ଯାତାୟାତ କରନ୍ତୁ । ବୁଧ, ଗୁରୁବାରରେ ସ୍ୱାସ୍ଥ୍ୟରେ ଅବନତି ଦେଖାଦେଇପାରେ । ଶୁକ୍ର, ଶନିବାରରେ ବ୍ୟବସାୟିକ ଲାଭ ପାଇବେ । କର୍ମକ୍ଷେତ୍ରରେ ସଫଳତା ପାଇବେ ।

**ଧନୁ**
ରବି, ସୋମ, ମଙ୍ଗଳବାରରେ ହେଉଥିବା କାର୍ଯ୍ୟ ବିଗିଡ଼ି ଯାଇପାରେ । ମାନସିକ ଅବସାଦରେ ରହିପାରନ୍ତି । ବୁଧ, ଗୁରୁବାରରେ ମହିଳାମାନେ ସ୍ୱାଭିମାନୀ ହେବେ । ଶୁକ୍ର, ଶନିବାରରେ ଆର୍ଥିକସ୍ଥିତିରେ ଅବନତି ଦେଖାଦେଇପାରେ । ବ୍ୟବସାୟୀମାନେ ଦୂରଯାତ୍ରା କରିପାରନ୍ତି ।

**ମକର**
ରବି, ସୋମ, ମଙ୍ଗଳବାରରେ କୌଣସି କଥାକୁ ନେଇ ଚିନ୍ତିତ ରହିବେ । ଅଯଥା ଖର୍ଚ୍ଚରେ ପଡ଼ିପାରନ୍ତି । ବୁଧ, ଗୁରୁବାରରେ ପ୍ରିୟଜନଙ୍କ ବ୍ୟବହାରରେ କଷ୍ଟ ପାଇବେ । ଶୁକ୍ର, ଶନିବାରରେ କର୍ମକ୍ଷେତ୍ରରେ କାର୍ଯ୍ୟଭାର ବୃଦ୍ଧି ପାଇବ । ବରୋଧୀମାନେ ଦୂରେଇ ରହିବେ ।

**କୁମ୍ଭ**
ରବି, ସୋମ, ମଙ୍ଗଳବାରରେ କର୍ମସ୍ଥଳୀରେ ପ୍ରଶଂସାର ପାତ୍ର ହେବେ । ପାରିବାରିକ ଜୀବନରେ ଦେଖାଦେଉଥିବା ଭୁଲ ବୁଝାମଣାକୁ ଦୂର କରିବା ପାଇଁ ଚେଷ୍ଟା କରିବେ । ବୁଧ, ଗୁରୁବାରରେ ଦୀର୍ଘଦିନର ଇଚ୍ଛା ପୂରଣ ହେବ । ଶୁକ୍ର, ଶନିବାରରେ ସାଙ୍ଗସାଥୀଙ୍କ ସହ ଭ୍ରମଣ ଯୋଗ ରହିଛି ।

**ମୀନ**
ରବି, ସୋମ, ମଙ୍ଗଳବାରରେ କ୍ରୋଧାନ୍ୱିତ ହୋଇ କଷ୍ଟ ପାଇପାରନ୍ତି । ନିଜକୁ ଏକୁଟିଆ ଅନୁଭବ କରିପାରନ୍ତି । ବୁଧ, ଗୁରୁବାରରେ ନୂତନ ନିବେଶ କରିବାକୁ ଦୂରେଇ ରୁହନ୍ତୁ । ଶୁକ୍ର, ଶନିବାରରେ ପୂର୍ବ ଯୋଜନାରେ କାର୍ଯ୍ୟକରି ଲାଭବାନ ହେବେ ।



# ବେଳାଭୂମି ପର୍ଯ୍ୟଟନ



## ଓଡ଼ିଶାର ସମୃଦ୍ଧ ବେଳାଭୂମି

ପୃଥିବୀର ୭୦.୮ ପ୍ରତିଶତ ଭାଗ ହେଉଛି ସମୁଦ୍ର। ଏହାର ୧୪ ପ୍ରତିଶତ ହେଉଛି ଭାରତ ମହାସାଗର । ଭାରତର ୧୩ଟି ରାଜ୍ୟର ସୀମାକୁ ଲାଗି ରହିଛି ସମୁଦ୍ର । ସେଥିମଧ୍ୟରୁ ପୂର୍ବ ଭାରତର ଓଡ଼ିଶା ଅନ୍ୟତମ । ଓଡ଼ିଶାର ସମୁଦ୍ର ବେଳାଭୂମିର ସୌନ୍ଦର୍ଯ୍ୟ ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିଥାଏ। ଓଡ଼ିଶାରେ ରହିଛି ଅନେକ ମନୋରମ ବେଳାଭୂମି। ସେଥିମଧ୍ୟରୁ ପୁରୀ ଜିଲ୍ଲାର ପୁରୀ ସମୁଦ୍ର ବେଳାଭୂମି, ପୁରୀ ଗୋଲଡେନ୍ ବିଚ୍, ଚନ୍ଦ୍ରଭାଗା, ଜାହାନିଆ, ଅସ୍ତରଙ୍ଗ ବେଳାଭୂମି, ଗଞ୍ଜାମ ଜିଲ୍ଲାର ଗୋପାଳପୁର, ସୁନାପୁର, ଆର୍ଯ୍ୟପଲ୍ଲୀ, ଋଷିକୂଲ୍ୟା ବେଳାଭୂମି, ବାଲେଶ୍ୱର ଜିଲ୍ଲାର ଚାନ୍ଦିପୁର, ଯମୁନାଶୂଳ, ଡଗରା, ତାଳସାରୀ, କଷାଫଳ ବେଳାଭୂମି, ଜଗତସିଂହପୁର ଜିଲ୍ଲାର ପାରାଦୀପ, ଶିଆଳି ବେଳାଭୂମି, କେନ୍ଦ୍ରାପଡ଼ାର ପେଣ୍ଠ ବେଳାଭୂମି ପ୍ରଭୃତି ଅନ୍ୟତମ। ବର୍ଷସାରା ଏହି ସବୁ ବେଳାଭୂମିରେ ପର୍ଯ୍ୟଟକଙ୍କ ଭିଡ଼ ଲାଗି ରହିଥାଏ। ବିଶେଷ କରି ଶୀତ ଋତୁରେ ପର୍ଯ୍ୟଟକଙ୍କ ସଂଖ୍ୟା ଅଧିକ ହୋଇଥାଏ। ଓଡ଼ିଶାର ବେଳାଭୂମିଗୁଡ଼ିକ ସୌନ୍ଦର୍ଯ୍ୟ ଓ ସ୍ୱଚ୍ଛତା ପାଇଁ ବେଶ୍ ପରିଚିତ।


ଓଡ଼ିଶାର ବେଳାଭୂମି ପର୍ଯ୍ୟଟନ ବେଶ୍ ସମୃଦ୍ଧଶାଳୀ। ପୁରୀ ହେଉକି କୋଣାର୍କର ଚନ୍ଦ୍ରଭାଗା ବେଳାଭୂମି ଦେଶର ପ୍ରମୁଖ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଲାଭ କରିଛି । ଏଠାରେ ପର୍ଯ୍ୟଟକମାନଙ୍କ ରହିବା ପାଇଁ ବଡ଼ ବଡ଼ ହୋଟେଲ ଉପଲବ୍ଧ। ଦେଶବିଦେଶର ବିଭିନ୍ନ ଅଞ୍ଚଳରୁ ପର୍ଯ୍ୟଟକମାନେ ବିମାନ ଯୋଗେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରକୁ ଆସିଥାନ୍ତି । ଆଉ ସେଠାରୁ ସଡ଼କ ପଥ ଦେଇ ଶ୍ରୀକ୍ଷେତ୍ର ପୁରୀରେ ପହଞ୍ଚି ସମୁଦ୍ର ବେଳାଭୂମିର ମନୋରମ ଦୃଶ୍ୟକୁ ଉପଭୋଗ କରିଥାନ୍ତି । ଭାରତର ଏକ ପ୍ରମୁଖ ପର୍ଯ୍ୟଟନ କେନ୍ଦ୍ର ଭାବେ ଓଡ଼ିଶାର ପୁରୀ ସହର ଏବେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିପାରିଛି। ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ କୋଣାର୍କ-ପୁରୀ ବେଳାମାର୍ଗରେ ଇକୋ ରିଟ୍ରିଟ୍ ଟେଣ୍ଟ ଭିଲେଜ୍ ଏବେ ପର୍ଯ୍ୟଟକଙ୍କ ମନ ମୋହୁଛି। ବିଭିନ୍ନ ଜଳକ୍ରୀଡ଼ା କରିବା ସହିତ ପର୍ଯ୍ୟଟକମାନେ ସମୁଦ୍ରକୂଳରେ ରାତ୍ରୀ ଯାପନ କରିବାର ସୁଯୋଗକୁ ହାତ ଛଡ଼ା କରିବାକୁ ଚାହୁଁନାହାନ୍ତି। ପୁରୀ ବେଳାଭୂମିରେ ପର୍ଯ୍ୟଟକମାନଙ୍କ ପାଇଁ ଅନେକ ସମୟରେ ବାଲୁକାଶିଳ୍ପୀମାନେ ସୁନ୍ଦର ସୁନ୍ଦର ବାଲୁକା କଳାକୃତି ତିଆରି କରିଥାନ୍ତି। ବାଲୁକା କଳାର ସୂକ୍ଷ୍ମ କାରୁକାର୍ଯ୍ୟ ପର୍ଯ୍ୟଟକମାନଙ୍କୁ ବିମୋହିତ କରିଥାଏ।

ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଓଡ଼ିଶା ଭୂମି। ରାଜ୍ୟରେ ରହିଛି ଅନେକ ମନୋରମ ପ୍ରାକୃତିକ ପର୍ଯ୍ୟଟନସ୍ଥଳୀ। ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ଶାନ୍ତ ପରିବେଶ ମଧ୍ୟରେ କିଛି କ୍ଷଣ କଟାଇଲେ ମଣିଷ ଭୁଲି ଯାଏ ଜୀବନର ସବୁ ଦୁଃଖ, ବିଷାଦ। ନଦୀ, ଝରଣା, ସମୁଦ୍ର, ଜଳପ୍ରପାତ, ପାହାଡ଼, ପର୍ବତ, ସବୁଜ ଅରଣ୍ୟ ଆଦିର ଅପୂର୍ବ ପ୍ରାକୃତିକ ଦୃଶ୍ୟ ବିଭୋର କରେ କବି, ଭାବୁକ, ପର୍ଯ୍ୟଟକମାନଙ୍କୁ। ଦେଶବିଦେଶର ପର୍ଯ୍ୟଟକମାନଙ୍କୁ ସର୍ବଦା ଆକର୍ଷିତ କରିଆସିଛି ଓଡ଼ିଶାର ପର୍ଯ୍ୟଟନ ସ୍ଥଳୀଗୁଡ଼ିକ। ତେବେ ରାଜ୍ୟର ଉପକୂଳବର୍ତ୍ତୀ ଅଞ୍ଚଳରେ ଥିବା ସମୁଦ୍ର ବେଳାଭୂମିର ଆକର୍ଷଣ ଅନନ୍ୟ। ସମୁଦ୍ରର ଘୋ ଘୋ ଗର୍ଜନ ଭିତରେ ଜଳକ୍ରୀଡ଼ା କରିବା ହେଉ କି ବେଳାଭୂମିରେ ବୁଲିବାର ମଜା ନିଆରା। ପୁଣି ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତ ସମୟର ମନୋରମ ଦୃଶ୍ୟକୁ ଉପଭୋଗ କରିବା ପାଇଁ ପର୍ଯ୍ୟଟକଙ୍କ ଭିଡ଼ ଜମେ ବେଳାଭୂମିରେ। ସେପଟେ ପର୍ଯ୍ୟଟକଙ୍କ ଭିଡ଼ ଯୋଗୁଁ ବେଳାଭୂମିରେ ବିଭିନ୍ନ ପ୍ରକାରର ସ୍ୱାଦିଷ୍ଟ ଖାଦ୍ୟଠାରୁ ଆରମ୍ଭ କରି ହରେକ କିସମର ମନୋହରୀ ପସରା ମେଳିଥାଏ। ବର୍ତ୍ତମାନ ଓଡ଼ିଶାରେ ବେଳାଭୂମି ପର୍ଯ୍ୟଟନର ଚାହିଦା ବଢ଼ିବାରେ ଲାଗିଛି।



## ଆକର୍ଷଣର କେନ୍ଦ୍ର 'ଗୋଲଡେନ୍ ବିଚ୍'

ବର୍ତ୍ତମାନ ପୁରୀର 'ଗୋଲଡେନ୍ ବିଚ୍' (Golden Beach) ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ସୁନ୍ଦର ଓ ସ୍ୱଚ୍ଛ ବେଳାଭୂମି ଭାବେ ପୁରୀ 'ଗୋଲ୍‌ଡେନ୍ ବିଚ୍'କୁ କୋପେନ୍‌ହାଗାନ୍‌ସ୍ଥିତ 'ଫାଉଣ୍ଡେସନ୍ ଫର୍ ଏନ୍‌ଭାର୍‌ମେଣ୍ଟାଲ ଏଜୁକେଶନ୍' (Foundation for Environmental Education) ବା ଏଫ୍.ଇ.ଇ. ପକ୍ଷରୁ 'ବ୍ଲୁ ଫ୍ଲାଗ୍' ସାର୍ଟିଫିକେଟ୍ ପ୍ରଦାନ କରାଯାଇଛି। ଭାରତର ୮ଟି ସୁନ୍ଦର ଓ ସ୍ୱଚ୍ଛ ସମୁଦ୍ର ତଟ ମଧ୍ୟରୁ ପୁରୀ ଅନ୍ୟତମ । 'ବ୍ଲୁ ଫ୍ଲାଗ୍' ସାର୍ଟିଫିକେଟ୍ ପାଇବାକୁ ହେଲେ ପର୍ଯ୍ୟାବରଣ, ସୁରକ୍ଷା, ସୁନ୍ଦରତା, ସ୍ୱଚ୍ଛତା ଆଦି ଏଫ୍.ଇ.ଇ.ର ୩୩ଟି ମାନଦଣ୍ଡକୁ ପୂରଣ କରିବା ଆବଶ୍ୟକତା ଥାଏ । ପୁରୀର 'ଗୋଲ୍‌ଡେନ୍ ବିଚ୍' ବା 'ସୁବର୍ଣ୍ଣ ବେଳାଭୂମି' ଦିଗବାରେଣୀ ଛକରୁ ମେଫେୟାର୍ ହୋଟେଲ ପର୍ଯ୍ୟନ୍ତ ଲମ୍ବିଛି। ଆଗାମୀ ଦିନରେ ଓଡ଼ିଶାର କେତେକ ସମୁଦ୍ର ତଟକୁ ପୁନର୍ବିକାଶ କରିବା ପାଇଁ ଯୋଜନା ରହିଛି। ଯଦି ଏହି ଯୋଜନା ସଫଳ ହୁଏ, ତେବେ ଓଡ଼ିଶା ପୂର୍ବ ଭାରତର ସବୁଠାରୁ ଅଧିକ ଲୋକପ୍ରିୟ ତଟୀୟ ପର୍ଯ୍ୟଟନ ସ୍ଥଳ ମଧ୍ୟରେ ଅନ୍ୟତମ ହେବ । ପର୍ଯ୍ୟଟକଙ୍କ ପାଇଁ ସମୁଦ୍ର ତଟରେ ଶୌଚାଳୟ, ବସିବା ବ୍ୟବସ୍ଥା, ୱାଚ୍ ଟାୱାର୍ ଆଦି ସମସ୍ତ ପ୍ରକାର ସୁବିଧା ଉପଲବ୍ଧ ହେବ ।











## ଓଡ଼ିଶାର ଆକର୍ଷଣୀୟ ବେଳାଭୂମି

ଓଡ଼ିଶାରେ ପ୍ରାୟ ୫୦୦ କିଲୋମିଟର ଲମ୍ବ ସମୁଦ୍ରତଟ ରେଖା ରହିଛି । ସେଥିମଧ୍ୟରୁ ପୁରୀ, ଚନ୍ଦ୍ରଭାଗା, ଗୋପାଳପୁର, ଚାନ୍ଦିପୁର, ତାଳସାରୀ-ଉଦୟପୁର, ଆର୍ଯ୍ୟପଲ୍ଲୀ, ପାରାଦୀପ ଆଦି ଅନ୍ୟତମ । ବ୍ରହ୍ମପୁର ନିକଟସ୍ଥ ଗୋପାଳପୁର ବେଳାଭୂମି ଓଡ଼ିଶାର ଅନ୍ୟତମ ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ । ଯେଉଁଠି ପର୍ଯ୍ୟଟକମାନଙ୍କ ପାଇଁ ଅନେକ ସୁବିଧା ଉପଲବ୍ଧ ରହିଛି । ଆଗାମୀ ଦିନରେ ଓଡ଼ିଶାରେ ଥିବା ବେଳାଭୂମିଗୁଡ଼ିକର ବିକାଶ ଦିଗରେ ଯଦି ସରକାର ଉଦ୍ୟମ କରିବେ, ତେବେ ବେଳାଭୂମି ପର୍ଯ୍ୟଟନ କ୍ଷେତ୍ରରେ ପୂର୍ବ ଭାରତରେ ଓଡ଼ିଶା ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିବ । ସେହିପରି କେନ୍ଦ୍ରାପଡ଼ା ଜିଲ୍ଲା ପେଣ୍ଠ ବେଳାଭୂମିର ପ୍ରସିଦ୍ଧି ରହିଛି । ଜିଲ୍ଲା ତଥା ଜିଲ୍ଲା ବାହାରୁ ଅନେକ ପର୍ଯ୍ୟଟକ ଏଠାକୁ ବୁଲିବାକୁ ଆସିଥାନ୍ତି । କେଉଁ ବେଳାଭୂମିରେ ଲାଲ କଙ୍କଡ଼ା ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି, ପୁଣି କେଉଁଠି ବୋଟିଂ, ଜେଟ୍ ସ୍କାଇଂ ରାଇଡିଂ ମନ ମୋହୁଛି ।

## ଜୀବିକା ଯୋଗାଉଛି ବେଳାଭୂମି ପର୍ଯ୍ୟଟନ

ଓଡ଼ିଶାର ପୁରୀ ବେଳାଭୂମିଠାରୁ ଆରମ୍ଭ କରି ଗୋପାଳପୁର, ଚାନ୍ଦିପୁର, ପାରାଦୀପ, ତାଳସାରୀ ସବୁଠି ପର୍ଯ୍ୟଟକଙ୍କ ଆଗମନକୁ ଦୃଷ୍ଟିରେ ରଖି ଗଢ଼ି ଉଠିଛି ଅନେକ ବଡ଼ ବଡ଼ ଲଜ୍, ହୋଟେଲ, ଦୋକାନ, ବଜାର । ସେହିପରି ବେଳାଭୂମିରେ ବିଭିନ୍ନ ପ୍ରକାର ସାମୁଦ୍ରିକ ମାଛ, କଙ୍କଡ଼ା, ଚିଙ୍ଗୁଡ଼ି ଆଦି ନାନା ପ୍ରକାର ଆମିଷ ଖାଦ୍ୟଠାରୁ ଆରମ୍ଭ କରି ମୁଢ଼ି, ଚାଟ୍, ଗୁପଚୁପ୍ ବିକାଳିଙ୍କ ଖାଦ୍ୟର ପସରା ମେଳିଥାଏ । ସେପଟେ ସାମୁଦ୍ରିକ ଦ୍ରବ୍ୟରୁ ପ୍ରସ୍ତୁତ କଳାକୃତି, ଶଙ୍ଖ, ସିପ୍ ଓ ଶାମୁକାରୁ ପ୍ରସ୍ତୁତ ମାଳି, କାନଫୁଲ, ପେନ୍‌ଷ୍ଟାଣ୍ଡ, ଦେବଦେବୀଙ୍କ ମୂର୍ତ୍ତି, ଚାବି ପେଣ୍ଡା, କଣ୍ଢେଇ ଆଦି ବିଭିନ୍ନ ପ୍ରକାର ସମାଗ୍ରୀ ବିକ୍ରି କରି ବ୍ୟବସାୟୀମାନେ ଦୁଇ ପଇସା ରୋଜଗାର କରି ନିଜ ପରିବାର ପ୍ରତିପୋଷଣ କରୁଛନ୍ତି । ସେହିପରି ଘୋଡ଼ା, ଓଟ ପିଠିରେ ବସି ବେଳାଭୂମିର ମଜା ନେବାକୁ ଅନେକ ପର୍ଯ୍ୟଟକ ଆଗ୍ରହ ପ୍ରକାଶ କରିଥାନ୍ତି । ଏହାକୁ ଦୃଷ୍ଟିରେ ରଖି କିଛି ଲୋକ ଘୋଡ଼ା, ଓଟ ପିଠିରେ ପର୍ଯ୍ୟଟକମାନଙ୍କୁ ବସାଇ ବେଳାଭୂମି ବୁଲାଇ ନିଜ ଗୁଜୁରାଣ ମେଣ୍ଟାଇଥାନ୍ତି । ଓଡ଼ିଶାର ଯେଉଁ ସବୁ ବେଳାଭୂମିରେ ଅଧିକ ପର୍ଯ୍ୟଟକଙ୍କ ସମାଗମ ହୋଇଥାଏ, ସେଠାରେ ଭଲ ବ୍ୟବସାୟ ହୋଇଥାଏ । ବେଳାଭୂମି ପର୍ଯ୍ୟଟନ ଅନେକ ଗରିବ ଲୋକଙ୍କୁ ଜୀବିକା ଯୋଗାଉଛି । ଏହାରି ମାଧ୍ୟମରେ ଅନେକ ଲୋକ ନିଜ ପରିବାର ପ୍ରତିପୋଷଣ କରିବାର ସୁଯୋଗ ପାଉଛନ୍ତି ।







## ସମୁଦ୍ର ତଟରେ ଆଧ୍ୟାତ୍ମିକ ବାତାବରଣ




ଓଡ଼ିଶାର ଶ୍ରୀକ୍ଷେତ୍ର ପୁରୀ । ଏକ ଆଧ୍ୟାତ୍ମିକ ପୀଠ ଭାବେ ପ୍ରସିଦ୍ଧ । ଶ୍ରୀଜଗନ୍ନାଥ ମନ୍ଦିର ପାଇଁ ପୁରୀ ସାରା ବିଶ୍ୱରେ ପରିଚିତ । ଦେଶର ଏକ ପ୍ରମୁଖ ପର୍ଯଟନ ପୀଠ ହେଉଛି ଜଗନ୍ନାଥଧାମ ପୁରୀ । ପୁରୀ ବେଳାଭୂମି ଦେଶବିଦେଶର ପର୍ଯ୍ୟଟକମାନଙ୍କୁ ସର୍ବଦା ଆକର୍ଷିତ କରିଆସିଛି । ପୁରୀ ସମୁଦ୍ର ତଟ ସହିତ ଯୋଡ଼ି ହୋଇରହିଛି ଏକ ଆଧ୍ୟାତ୍ମିକ ଭାବଧାରା । ଶ୍ରୀଜଗନ୍ନାଥ ସଂସ୍କୃତି ସହିତ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ମହୋଦଧି । ପବିତ୍ର ମାଘ ସପ୍ତମୀରେ ଚନ୍ଦ୍ରଭାଗାରେ ବୁଡ଼ ପକାଇଲେ କୋଟି ପୁଣ୍ୟ ମିଳେ ବୋଲି ଲୋକମାନଙ୍କ ଭିତରେ ଗଭୀର ବିଶ୍ୱାସ ରହିଛି । ତେଣୁ ମାଘ ସପ୍ତମୀରେ ଚନ୍ଦ୍ରଭାଗା ବେଳାଭୂମିରେ ବୁଡ଼ ପକାଇବା ପାଇଁ ହଜାର ହଜାର ଭକ୍ତଙ୍କ ଭିଡ଼ ଜମିଥାଏ । ସେହିପରି ପୌଷ ପୂର୍ଣ୍ଣିମା ଅବସରରେ ପୁରୀ ସମୁଦ୍ର ତଟ ସ୍ୱର୍ଗଦ୍ୱାର ସମ୍ମୁଖରେ ମହୋଦଧି ଆଳତି ମହୋତ୍ସବର ଆୟୋଜନ କରାଯାଇଥାଏ । ଏ ଅବସରରେ ଭାରତର ବିଭିନ୍ନ କୋଣ-ଅନୁକୋଣରୁ ବହୁ ସାଧୁ, ସନ୍ଥ, ମହନ୍ତଙ୍କ ସମାଗମ ହୋଇଥାଏ । ବିଶ୍ୱ କଲ୍ୟାଣ ଓ ବରୁଣଦେବଙ୍କ ଉପାସନା ନିମନ୍ତେ ଏହି ମହୋଦଧି ଆଳତି ମହୋତ୍ସବର ଆୟୋଜନ କରାଯାଇଥାଏ ।



## ମନମୋହୁଛି ବେଳାଭୂମି ମହୋତ୍ସବ

ରାଜ୍ୟ ତଥା ଦେଶବିଦେଶର ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ପାଇଁ ଓଡ଼ିଶାର କେତେକ ସ୍ଥାନରେ ବେଳାଭୂମି ମହୋତ୍ସବର ଆୟୋଜନ କରାଯାଉଛି । ଓଡ଼ିଶାର କଳା, ସଂସ୍କୃତି, ପରମ୍ପରା, ନୃତ୍ୟଗୀତକୁ ଗୋଟିଏ ମଞ୍ଚରେ ପ୍ରଦର୍ଶନ କରି ବିଶ୍ୱ ଦରବାରରେ ପରିଚିତ କରିବା ହେଉଛି ଏଭଳି ମହୋତ୍ସବ ଆୟୋଜନର ଅନ୍ୟତମ ଲକ୍ଷ୍ୟ । ଦୀର୍ଘ ବର୍ଷ ହେଲା ପୁରୀ ବେଳାଭୂମି ମହୋତ୍ସବ, ଗୋପାଳପୁର ବେଳାଭୂମି ମହୋତ୍ସବ, ଚାନ୍ଦିପୁର ସୁବର୍ଣ୍ଣ ବେଳାଭୂମି ମହୋତ୍ସବ, ତାଳସାରୀ ବେଳାଭୂମି ମହୋତ୍ସବ, ଅସ୍ତରଙ୍ଗ ବେଳାଭୂମି ମହୋତ୍ସବ, ଡଗରା ବେଳାଭୂମି ମହୋତ୍ସବ ଆଦି ବିଭିନ୍ନ ବେଳାଭୂମି ମହୋତ୍ସବର ଆୟୋଜନ କରାଯାଉଛି । ଏହି ମହୋତ୍ସବଗୁଡ଼ିକରେ ପ୍ରତିଦିନ ସନ୍ଧ୍ୟାରେ ବିଭିନ୍ନ ଶାସ୍ତ୍ରୀୟ ଓ ଲୋକନୃତ୍ୟଗୀତ ଦର୍ଶକଙ୍କ ମନ ମୋହିଥାଏ । ବିଭିନ୍ନତା ଭିତରେ ଏକତା କିଭଳି ବଜାୟ ରହିପାରିବ ସେଇ ଲକ୍ଷ୍ୟ ନେଇ ସରକାରଙ୍କ ପକ୍ଷରୁ ସ୍ଥାନୀୟ ଜନସାଧାରଣଙ୍କ ସହଯୋଗରେ ବେଳାଭୂମି ମହୋତ୍ସବଗୁଡ଼ିକର ଆୟୋଜନ କରାଯାଉଛି । ଓଡ଼ିଶାର ଅନେକ ବେଳାଭୂମି ପର୍ଯ୍ୟଟନ ପୀଠ ଏବେ ବି ଲୋକଲୋଚନ ଅଗୋଚରରେ ରହିଯାଇଛି । ଯଦି ରାଜ୍ୟରେ ଥିବା ବେଳାଭୂମି ପର୍ଯ୍ୟଟନ ସ୍ଥଳୀଗୁଡ଼ିକର ବିକାଶ ଯଦି କରାଯାଇପାରନ୍ତା, ତେବେ ଭାରତର ଅନ୍ୟ ରାଜ୍ୟ ଭଳି ଓଡ଼ିଶାର ଏକ ସମୃଦ୍ଧଶାଳୀ ପର୍ଯ୍ୟଟନ କ୍ଷେତ୍ର ଭାବରେ ପ୍ରସିଦ୍ଧ ଲାଭ କରିପାରନ୍ତା । ପର୍ଯ୍ୟଟନ ଶିଳ୍ପର ପ୍ରଗତି ହେଲେ ରାଜ୍ୟର ଆର୍ଥିକ ବିକାଶ ମଧ୍ୟ ସମ୍ଭବପର ହୋଇପାରିବ । ରାଜ୍ୟବାସୀ ରୋଜଗାରର ପନ୍ଥା ପାଇପାରିବେ ।





ଓଡ଼ିଶାର ବେଳାଭୂମି ପର୍ଯ୍ୟଟନ ସର୍ବଦା ପର୍ଯ୍ୟଟକଙ୍କୁ ଆକର୍ଷିତ କରିଆସିଛି । ପୂର୍ବ ଭାରତର ଅନ୍ୟ ରାଜ୍ୟ ଭଳି ଓଡ଼ିଶାର ବେଳାଭୂମିଗୁଡ଼ିକର ସୌନ୍ଦର୍ଯ୍ୟ ଅତ୍ୟନ୍ତ ମନୋମୁଗ୍ଧକର । ପୁରୀ, ଗୋପାଳପୁର ସମେତ ରାଜ୍ୟର ଅନ୍ୟାନ୍ୟ ବେଳାଭୂମିର ବିକାଶ ଦିଗରେ ସରକାର ଯଦି ପଦକ୍ଷେପ ଗ୍ରହଣ କରନ୍ତେ, ତେବେ ଆଗାମୀ ଦିନରେ ଦେଶର ବେଳାଭୂମି ପର୍ଯ୍ୟଟନ ମାନଚିତ୍ରରେ ଓଡ଼ିଶାର ନାମ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୁଅନ୍ତା, ଏଥିରେ ତିଳେହେଁ ସନ୍ଦେହ ନାହିଁ । ■




# ଆକର୍ଷଣୀୟ ପୁରୀ ବେଳାଭୂମି








ଫଟୋ: ଅମାଣ

ହେମନ୍ତ ନାୟକ , ପୁରୀ

ପୂର୍ବ ଭାରତର ଏକ ମନୋରମ ବେଳାଭୂମି ପୁରୀ । ପୁଣ୍ୟଭୂମି ଶ୍ରୀକ୍ଷେତ୍ରର ପଦଧୌତ କରୁଥିବା ମହୋଦଧିର ଶାନ୍ତ ଶୀତଳ ନୀଳ ଜଳରାଶି ଏବଂ ବିସ୍ତୀର୍ଣ୍ଣ ବାଲୁକା ଶଯ୍ୟା ହିଁ ପୁରୀ ବେଳାଭୂମିକୁ ଦେଇଛି ସ୍ୱତନ୍ତ୍ର ପରିଚୟ । ସମୁଦ୍ର ସ୍ନାନ ପାଇଁ ଅନୁକୂଳ ଯୋଗୁ ବର୍ଷତମାମ୍ ଦେଶବିଦେଶର ପର୍ଯ୍ୟଟକଙ୍କ ଭିଡ଼ ଜମିଥାଏ । ପୂର୍ବ ଆକାଶରେ ସିନ୍ଦୂରା ଫାଟିବା ପୂର୍ବରୁ ପର୍ଯ୍ୟଟକଙ୍କ ପାଦପଡ଼େ ବେଳାଭୂମି ଛାତିରେ । ଢେର୍ ରାତିଯାଏ ଲାଗେ ଗହଳି ଚହଳି । ବିଳମ୍ବିତ ରାତି ପର୍ଯ୍ୟନ୍ତ ମତ୍ସ୍ୟଜୀବୀଙ୍କ ଆତଯାତ ବେଳାଭୂମିର ନୀରବତା ଭାଙ୍ଗିଥାଏ । ସମୁଦ୍ର ସ୍ନାନ ପରେ ପର୍ଯ୍ୟଟକମାନେ ଚେୟାରରେ ବସି ମହୋଦଧିରେ ସୃଷ୍ଟି ହେଉଥିବା ଜୁଆର ଭଟ୍ଟାର ଖେଳ ଦେଖନ୍ତି । ସମୁଦ୍ରକୁ ଭୟ କରୁଥିବା ପର୍ଯ୍ୟଟକଙ୍କୁ ସୁରକ୍ଷିତ ସମୁଦ୍ର ସ୍ନାନ କରାଇ ଲାଇଫ୍‌ଗାର୍ଡମାନେ ବି ଖୁସି ହୁଅନ୍ତି । ମହୋଦଧିର ଛାତି ଚିରି ଅଥଳ ଜଳ ରାଶିରେ ପର୍ଯ୍ୟଟକଙ୍କୁ ବସାଇ ଚକ୍କର କାଟେ ଜେଟ୍‌ସ୍କି । ବ୍ଲୁ ଫ୍ଲାଗ ବିଚ୍‌ରେ ଢେର୍ ସମୟ ବସି ମନକୁ ହାଲ୍‌କା କରନ୍ତି ପର୍ଯ୍ୟଟକ । ମଝିରେ ମଝିରେ ବେଳାଭୂମିରେ ବାଲୁକା କଳା ସମସ୍ତଙ୍କୁ ବେଶ୍ ଆକୃଷ୍ଟ କରିଥାଏ ।

## ବର୍ଷତମାମ୍ ପର୍ଯ୍ୟଟକଙ୍କ ଭିଡ଼

ଭାରତର ଚାରିଧାମ ମଧ୍ୟରୁ ଅନ୍ୟତମ ଧାମ ହେଉଛି ଶ୍ରୀକ୍ଷେତ୍ର ପୁରୀ । ବିଶ୍ୱନିୟନ୍ତା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ପ୍ରତିଦିନ ହଜାର ହଜାର ଭକ୍ତଙ୍କ ଆଗମନ ହୋଇଥାଏ । ସେହିପରି ପୁରୀ ମଧ୍ୟ ଏକ ଆନ୍ତର୍ଜାତୀୟ ପର୍ଯ୍ୟଟନସ୍ଥଳ । ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ପରେ ଭକ୍ତଙ୍କ ଅନ୍ୟତମ ଆକର୍ଷଣ ପାଲଟେ ବେଳାଭୂମି । ତେଣୁ ଅଧିକାଂଶ ଶ୍ରଦ୍ଧାଳୁ ବେଳାଭୂମିକୁ ବୁଲିଯାନ୍ତି । ଏମିତି ବି ବର୍ଷତମାମ୍ ଦେଶ ବିଦେଶର ପର୍ଯ୍ୟଟକଙ୍କ ଗହଳି ଲାଗେ ପୁରୀ ବେଳାଭୂମିରେ ।

## ସମୁଦ୍ର ସ୍ନାନର ମଜା ନିଆରା

ପୁରୀ ବେଳାଭୂମି ସର୍ବଦା ପର୍ଯ୍ୟଟକଙ୍କ ଆକର୍ଷଣ ସାଜିଆସିଛି । ଶାନ୍ତ ଶୀତଳ ନୀଳ ଜଳରାଶି, ସମତଳ ବେଳାଭୂମି ଯୋଗୁ ସମୁଦ୍ର ସ୍ନାନ ପାଇଁ ବେଶ୍ ଉପଯୋଗୀ ରହିଆସିଛି । ବେଳେ ବେଳେ ଯଦିଓ ପ୍ରାକୃତିକ ଦୁର୍ବିପାକ ପାଇଁ ସମୁଦ୍ର ଅଶାନ୍ତ ରୁହେ, କିନ୍ତୁ ଅନେକ ସମୟରେ ଏହା ପର୍ଯ୍ୟଟକଙ୍କ ସ୍ନାନ ନିମନ୍ତେ ଅନୁକୂଳ ପରିବେଶ ସୃଷ୍ଟି କରିଥାଏ । ପର୍ଯ୍ୟଟକଙ୍କ ନିରାପଦ ସ୍ନାନ ନିମନ୍ତେ ଏଠାରେ ପର୍ଯ୍ୟାପ୍ତ ଲାଇଫ୍‌ଗାର୍ଡ ମୁତୟନ ରହିଥାନ୍ତି । ସେମାନେ କେଉଁ ଜାଗାରେ ସ୍ନାନ କରିବା ନିରାପଦ ଏବଂ କେଉଁଠି ରିପ୍ କରେଣ୍ଟ ରହିଛି ତାହା ପର୍ଯ୍ୟଟକଙ୍କୁ ଅବଗତ କରାଇଥାନ୍ତି ।



## ବ୍ଲୁ ଫ୍ଲାଗ୍ ବିଚ୍

ଆନ୍ତର୍ଜାତୀୟ ପର୍ଯ୍ୟଟନ କ୍ଷେତ୍ର ପୁରୀକୁ ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ଦେଇଛି ବ୍ଲୁ ଫ୍ଲାଗ ବିଚ୍ । ୨୦୨୦ରେ ପୁରୀକୁ ଏହି ମାନ୍ୟତା ମିଳିଥିଲା । ୩୩ ମାନଦଣ୍ଡ ପୂରଣ କରିବା ପରେ ଡେନ୍‌ମାର୍କର ଫାଉଣ୍ଡେସନ୍ ଫର୍ ଏନ୍‌ଭାର୍‌ମେଣ୍ଟାଲ ଏଜୁକେଶନ୍ (ଫି) ଏହି ମାନ୍ୟତା ପ୍ରଦାନ କରିଥିଲା । ଇତିମଧ୍ୟରେ ୬ ବର୍ଷ ହେବ ପୁରୀ ଏହି ମାନ୍ୟତା ବଜାୟ ରଖିଥିବା ବେଳେ ଏହାଦ୍ୱାରା ପର୍ଯ୍ୟଟକମାନେ ବେଶ୍ ଆକୃଷ୍ଟ ହେଉଛନ୍ତି । ବ୍ଲୁ ଫ୍ଲାଗ୍ ବେଳାଭୂମିରେ ପର୍ଯ୍ୟଟକଙ୍କ ପାଇଁ ବିଭିନ୍ନ ପ୍ରକାର ସେବା ସୁବିଧା ଉପଲବ୍ଧ ରହିଛି । ଅଭ୍ୟର୍ଥନା କେନ୍ଦ୍ର, ପବ୍ଲିକ୍ ଟଏଲଟ୍, ପୋଷାକ ପରିବର୍ତ୍ତନ ଗୃହ, ସୋଲାର ଲାଇଟ ବ୍ୟବସ୍ଥା ଆଦି ରହିଛି । ପୁରୀ ବେଳାଭୂମିରେ ସ୍ୱଚ୍ଛତା, ବସିବା ପାଇଁ ଛତ୍ରୀ, ବାଥ୍‌ଜୋନ୍, ଅତ୍ୟାଧୁନିକ ଶୌଚାଳୟର ସୁବିଧା, ପାନୀୟ ଜଳ ବ୍ୟବସ୍ଥା, ବର୍ଜ୍ୟବସ୍ତୁ ପରିଚାଳନା ଓ ପାର୍କିଂ ଆଦିର ଆନୁଷଙ୍ଗିକ ବ୍ୟବସ୍ଥାକୁ ୮୭୦ ମିଟର ବେଳାଭୂମିରେ ପ୍ରସ୍ତୁତ କରାଯାଇଛି । ପ୍ରତିଦିନ ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକ ବ୍ଲୁ ଫ୍ଲାଗ ବିଚ୍‌କୁ ଆସୁଛନ୍ତି । ଏଠାରେ ପର୍ଯ୍ୟଟକଙ୍କ ସୁରକ୍ଷିତ ସ୍ନାନ ପାଇଁ ଲାଇଫ୍‌ଗାର୍ଡ ଥିବାବେଳେ ବସିବା ପାଇଁ ମଧ୍ୟ ଭଲ ସୁବିଧା ରହିଛି ।





## ଜଳକ୍ରୀଡ଼ା ପାଇଁ ଭିତ୍ତିଭୂମିର ଅଭାବ

ପୁରୀ ବେଳାଭୂମି ଯଦିଓ ଦେଶୀୟ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିପାରିଛି କିନ୍ତୁ ବିଦେଶୀ ପର୍ଯ୍ୟଟକଙ୍କୁ ବିଶେଷ ଆକର୍ଷିତ କରିପାରୁନି । ଫଳରେ ପୁରୀ ବେଳାଭୂମି ସେମାନଙ୍କ ପ୍ରଥମ ପସନ୍ଦ ତାଲିକାରେ ନାହିଁ । ଦେଶ ବିଦେଶରୁ ଆସୁଥିବା ପର୍ଯ୍ୟଟକମାନେ ପୁରୀ ଆସିବା ପରିବର୍ତ୍ତେ ଦେଶର ଅନ୍ୟାନ୍ୟ ବିଚ୍‌କୁ ଯିବାକୁ ପସନ୍ଦ କରୁଛନ୍ତି । ପୁରୀରେ ସୁଦୀର୍ଘ ବେଳାଭୂମି ଥିବାବେଳେ ଏଠାରେ ସାମୁଦ୍ରିକ ଜଳକ୍ରୀଡ଼ା ତଥା ୱାଟର ଗେମ୍‌ର ବ୍ୟାପକ ସୁଯୋଗ ରହିଛି । କିନ୍ତୁ ଏଠାରେ ପର୍ଯ୍ୟଟକଙ୍କୁ ରୋମାଞ୍ଚ ପ୍ରଦାନ କରୁଥିବା ସାମୁଦ୍ରିକ ଜଳକ୍ରୀଡ଼ା ବ୍ୟବସ୍ଥା ନାହିଁ । ଗୋଆ ଭଳି ରାଜ୍ୟ ପର୍ଯ୍ୟଟନ ଶିଳ୍ପ କ୍ଷେତ୍ରରେ ୪୦ ପ୍ରତିଶତ ସାମୁଦ୍ରିକ ଜଳକ୍ରୀଡ଼ାରୁ ଆୟ କରୁଛି । ହେଲେ ଦୁର୍ଭାଗ୍ୟର ବିଷୟ ପୁରୀରେ ୱାଟର୍ ସ୍ପୋର୍ଟ୍‌ସ ନେଇ ଅନେକ ଭରପୂର ସୁଯୋଗ ଥିବାବେଳେ ଏଥିପ୍ରତି କେହି ଆଗ୍ରହ ଦେଖାଉ ନାହାନ୍ତି ।

## ଯୋଜନା ନେଇନି ବାସ୍ତବତାର ରୂପ

ପୁରୀ ସମୁଦ୍ରରେ ଭସାପୋଲ ନିର୍ମାଣ କରାଯାଇ ଏହା ମଧ୍ୟରେ ବାନାନାବୋଟ୍, ଜେଟ୍ ସ୍କି, ସର୍ଫିଙ୍ଗ, ପାରାସେଲିଂ, ୱାଟର୍ ସ୍କେଟିଂ, ଡାଇଭିଂ ଆଦି ଜଳକ୍ରୀଡ଼ାର ବ୍ୟବସ୍ଥା କରିବାକୁ ୨୦୨୨ ମସିହାରେ ଯୋଜନା କରାଯାଇଥିଲା । କେବଳ ସେତିକି ନୁହେଁ ମଙ୍ଗଳା ମୁହାଣରେ ପାରା ସେଲିଂ ଭଳି ବ୍ୟବସ୍ଥା ହେବ ବୋଲି ଘୋଷଣା ହୋଇଥିଲା । ଲାଇଟ ହାଉସ୍‌ଠାରୁ ମଙ୍ଗଳା ମୁହାଣ ମଧ୍ୟରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଏଭଳି ବୃହତ୍ ପ୍ରକଳ୍ପର ପରିକଳ୍ପନା କରାଯାଇଥିଲା । ୨ ବର୍ଷ ମଧ୍ୟରେ ଏହାକୁ ଶେଷ କରାଯିବାର ଯୋଜନା ମଧ୍ୟ ରଖାଯାଇଥିଲା । ହେଲେ ଦୁର୍ଭାଗ୍ୟର ବିଷୟ ଏହା ବାସ୍ତବତାର ରୂପ ନେଇପାରିନି । ସେହି ଯୋଜନାରେ ହିଁ ଅଟକିଯାଇଛି । ଅଳ୍ପ କିଛି ଘରୋଇ କମ୍ପାନୀ ପୁରୀ ସମୁଦ୍ରରେ ବିଭିନ୍ନ ୱାଟର ଗେମ୍ ପ୍ରକଳ୍ପ କରିବା ପାଇଁ ଆଗ୍ରହ କରୁଥିବା ବେଳେ ରାଜ୍ୟ ସରକାରଙ୍କ ଅନେକ କଟକଣା ଓ ପ୍ରୋତ୍ସାହନ ଅଭାବରୁ ପୁରୀରେ ୱାଟର ଗେମ୍ ପାଇଁ ଅର୍ଥ ନିବେଶ କରିବାକୁ ବିଭିନ୍ନ ଘରୋଇ କମ୍ପାନୀ ଆଗ୍ରହ ପ୍ରକାଶ କରୁନାହାନ୍ତି ।

## ବଞ୍ଚିବାର ରାହା ଦେଇଛି ବେଳାଭୂମି

ପୁରୀ ବେଳାଭୂମି ଯେ କେବଳ ପର୍ଯ୍ୟଟକଙ୍କ ମନୋରଞ୍ଜନର ମାଧ୍ୟମ ପାଲଟିଛି ତାହା ନୁହେଁ, ଅନେକଙ୍କୁ ବଞ୍ଚିବାର ରାହା ଦେଇଆସିଛି । ପର୍ଯ୍ୟଟକଙ୍କୁ କେନ୍ଦ୍ର କରି ବହୁ ପରିବାରର ଭାତହାଣ୍ଡି ପାଲଟିଛି ବେଳାଭୂମି । ପେଟପାଟଣା ପାଇଁ ସକାଳୁ ସକାଳୁ ଏମିତି ଅନେକ ଲୋକ ତାଙ୍କ ପସରା ଧରି ପହଞ୍ଚିଯାନ୍ତି ବାଲୁକା ଶଯ୍ୟାରେ । ଖୋଲିଦିଅନ୍ତି ତାଙ୍କ ବୃତ୍ତିର ପସରା । ବିଭିନ୍ନ ପ୍ରକାର ଚିତ୍ର ଚରିତ୍ରଙ୍କୁ ଦେଖିବାକୁ ମିଳେ ପେଣ୍ଠକଟାରୁ କୋକୋପାମ୍ ବେଳାଭୂମି ପର୍ଯ୍ୟନ୍ତ । ସକାଳୁ ସକାଳୁ ଚା'



ଜଳଖିଆଠାରୁ ଆରମ୍ଭ କରି ଝାଲମୁଢ଼ି, ଚଣା, ମଟର, ମିକ୍ଶ୍ଚର, ଆଇସ୍‌କ୍ରିମ୍, ପଇଡ଼ ପସରା ମେଲିଯାଏ । ପୁଣି ପର୍ଯ୍ୟଟକଙ୍କୁ ମାଲିସ କରିବା ପାଇଁ ଡେରା ପକାଇଥାନ୍ତି ଥୋକେ ଲୋକ । ସେପଟୁ ଘୋଡ଼ା, ଓଟ ଧରି ପହଞ୍ଚିଯାନ୍ତି କିଛି ବ୍ୟକ୍ତି । ପର୍ଯ୍ୟଟକଙ୍କୁ ଘୋଡ଼ା ଓ ଓଟ ପିଠିରେ ବସାଇ ରୋଜଗାର କରନ୍ତି ଭଲ ଦି ପଇସା । ସନ୍ଧ୍ୟା ପର୍ଯ୍ୟନ୍ତ ବେଳାଭୂମିରେ ଚାଲୁଥାନ୍ତି ଏକାଧିକ ଓଟ ଓ ଘୋଡ଼ା । ପୁଣି ପର୍ଯ୍ୟଟକଙ୍କୁ ପହିଲି ସୂର୍ଯ୍ୟ କିରଣର ସ୍ୱାଦ ଦେବା ପାଇଁ ମାଳ ମାଳ ଚେୟାର ଦେଖିବାକୁ ମିଳେ । ଜୁଆର ମାଡ଼ି ଆସୁଥିବା ବାଲିରେ ଲମ୍ବା ଧାଡ଼ିରେ ପଡ଼ିଥାଏ ଭଲିକି ଭଳି ଚେୟାର୍ । ପୁଣି ସମୁଦ୍ର ବକ୍ଷରୁ ମାଛ, କଙ୍କଡ଼ା ସାଉଣ୍ଟି କୂଳମୁହାଁ ହୁଅନ୍ତି ମତ୍ସ୍ୟଜୀବୀ । ବେଳାଭୂମି ବାଲିରେ ମେଲି ଦିଅନ୍ତି ତାଜା ମାଛର ପସରା । ଏମିତି ଚାଲେ ବେଳାଭୂମିରେ ଜୀବନ, ଯେଉଁମାନଙ୍କୁ ବଞ୍ଚିବାର ରାହା ଦେଇଆସୁଛି ପୁରୀ ବେଳାଭୂମି ।





## କେମିତି ଅଧିକ ଆକୃଷ୍ଟ ହେବେ ପର୍ଯ୍ୟଟକ?

ପୁରୀ ବେଳାଭୂମିକୁ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାକୁ ହେଲେ କିଛି ଦିଗ ପ୍ରତି ଧ୍ୟାନ ଦେବାକୁ ହେବ । ପ୍ରଥମତଃ ବେଳାଭୂମିକୁ ସଫା ଓ ସମତଳ ରଖିବାକୁ ପଡ଼ିବ । ସମୁଦ୍ରରେ ସ୍ନାନ କରିବା ପରେ ଧୋଇ ହେବା ପାଇଁ ସମୁଦ୍ର ବେଳାଭୂମିରେ ସାୱାର ବ୍ୟବସ୍ଥା ସହିତ ଟଏଲେଟ୍ ବ୍ୟବସ୍ଥା ରହିବା ଉଚିତ୍ । ପର୍ଯ୍ୟଟକଙ୍କ ଜିନିଷ ପତ୍ର ସୁରକ୍ଷା ପାଇଁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି ଦରକାର । ପୁରୀରେ ଏକ ଅତ୍ୟାଧୁନିକ ଫିଶ୍ ଆକ୍ୱାରିୟମର ଆବଶ୍ୟକତା ରହିଛି । ସମୁଦ୍ରରେ ଡଲ୍‌ଫିନଙ୍କୁ ନେଇ ବିଭିନ୍ନ ପ୍ରଦର୍ଶନୀ ହେଲେ ଭଲ । ବେଳାଭୂମି ନିକଟରେ ବଡ଼ ସ୍ୱିମିଂ ପୁଲ୍ ହେବା ଦରକାର । ସମୁଦ୍ରରେ ଲେଜର ଶୋ ସହିତ ବିଭିନ୍ନ ୱାଟର୍ ଗେମ୍ କରିହେବ । ଏହାଦ୍ୱାରା ପୁରୀକୁ ଦେଶ ବିଦେଶରୁ ପର୍ଯ୍ୟଟକଙ୍କ ଆଗମନ ବୃଦ୍ଧି ପାଇବ । ପୁରୀର ଅର୍ଥନୀତି ସମୃଦ୍ଧ ହେବା ସହ ଅନେକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ରାଜ୍ୟ ସରକାର ପୁରୀରେ ବେଳାଭୂମି ଟୁରିଜିମ୍ ଉପରେ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି । ■



# ସୌନ୍ଦର୍ଯ୍ୟମୟୀ ଚନ୍ଦ୍ରଭାଗା

ଅର୍କକ୍ଷେତ୍ର କୋଣାର୍କ ସୂର୍ଯ୍ୟ ମନ୍ଦିରଠାରୁ ତିନି କିଲୋମିଟର ଦୂରରେ ଅବସ୍ଥିତ ଚନ୍ଦ୍ରଭାଗା ବେଳାଭୂମି । ବେଳାଭୂମିର ଝାଉଁ ବଣ ଲୋକଙ୍କୁ ଆକର୍ଷିତ କରିଥାଏ । ସେହିପରି ବେଳାଭୂମି କୂଳର ଥଣ୍ଡା ପବନ ଓ ଝାଉଁ ଗଛର ଛାଇ ଯୋଗୁଁ ଏଠାରେ ପର୍ଯ୍ୟଟକଙ୍କ ଭିଡ଼ ଜମିଥାଏ । ସେହିପରି ଚନ୍ଦ୍ରଭାଗାରେ ସୂର୍ଯ୍ୟୋଦୟ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ । ଏହାର ନୀଳଜଳରାଶିର ନୀଳିମା ଜୈବ ବିବିଧତାରେ ପରିପୂର୍ଣ୍ଣ । ଏସିଆର ପ୍ରଥମ ବେଳାଭୂମି ଭାବେ ଚନ୍ଦ୍ରଭାଗା ବେଳାଭୂମିକୁ ବ୍ଲୁଫ୍ଲାଗ୍ ପ୍ରମାଣପତ୍ର ମିଳିଛି । ବେଳାଭୂମି ପର୍ଯ୍ୟଟନ ଭାବେ ଏହାକୁ ଆଗକୁ ନେବା ତଥା ଅଧିକ ଆକୃଷ୍ଟ କରିବା ଲାଗି ପ୍ରୟାସ ଜାରି ରହିଛି ।



## ଚନ୍ଦ୍ରାଭାଗାରେ ସୂର୍ଯ୍ୟୋଦୟର ଦୃଶ୍ୟ ଅପୂର୍ବ

ଅର୍କକ୍ଷେତ୍ରରେ ସୂର୍ଯ୍ୟୋଦୟ ଦେଖିବା ପାଇଁ ଚନ୍ଦ୍ରଭାଗାରେ ପ୍ରତି ବର୍ଷ ହଜାର ହଜାର ସଂଖ୍ୟକ ପର୍ଯ୍ୟଟକଙ୍କ ଭିଡ଼ ଦେଖିବାକୁ ମିଳିଥାଏ । ଏହି ସମୟର ଦୃଶ୍ୟ ଖୁବ୍ ନିଆରା ଓ ଆକର୍ଷଣୀୟ । ସେହିପରି ଏଠାରେ ଶ୍ରଦ୍ଧାଳୁ ବୁଡ଼ ମଧ୍ୟ ପକାଇ ଥାନ୍ତି । ବିଶେଷକରି ଶାମ୍ବଦଶମୀ ଏବଂ ମାଘ ସପ୍ତମୀ ଅବସରରେ ବହୁ ଶ୍ରଦ୍ଧାଳୁ ଚନ୍ଦ୍ରଭାଗାରେ ବୁଡ଼ ପକାଇବାକୁ ଆସନ୍ତି । ଏଠାରେ ମାଘ ମେଳା ବି ଆୟୋଜନ କରାଯାଏ । ପୌରାଣିକ କାହାଣୀ ଅନୁସାରେ, ଶାମ୍ବ ଦଶମୀ ହେଉଛି ଭଗବାନ ସୂର୍ଯ୍ୟଙ୍କ ଜନ୍ମଦିନ । ଏହି ଦିନ କୃଷ୍ଣଙ୍କ ପୁତ୍ର ଶାମ୍ବ ଚନ୍ଦ୍ରଭାଗା କୂଳରେ ତପସ୍ୟା କରି ଶ୍ରାପ ଜନିତ ରୋଗରୁ ଆରୋଗ୍ୟ ଲାଭ କରିଥିଲେ । ସେହିପରି ଲାଙ୍ଗୁଳା ନରସିଂହଦେବ ସୂର୍ଯ୍ୟ ମନ୍ଦିର ପ୍ରତିଷ୍ଠା ଏହିଦିନ କରିଥିଲେ । ନିଜ ପରିବାରକୁ ରୋଗ ଶୋକ ଭୟରୁ ମୁକ୍ତ ରଖିବା ପାଇଁ ଏଭଳି ଏକ ପବିତ୍ର ଦିନରେ ବୁଡ଼ ପକାଇ ସୂର୍ଯ୍ୟ ଉଦୟ ଦର୍ଶନ କରନ୍ତି । ଅନ୍ୟପଟେ ଚନ୍ଦ୍ରଭାଗା ପାଖରେ ଏକ ବତୀଘର ବି ଦେଖିବାକୁ ମିଳେ ।



## ବିଶ୍ୱସ୍ତରୀୟ ପର୍ଯ୍ୟଟନ ପାଇଁ ପଦକ୍ଷେପ

ଚନ୍ଦ୍ରଭାଗା ବେଳାଭୂମି ପର୍ଯ୍ୟଟନର ବିକାଶ ଲାଗି ବଡ଼ ପଦକ୍ଷେପ ଗ୍ରହଣ କରାଯିବ କୁହାଯାଇଛି । ପୁରୀ କୋଣାର୍କ ମେରାଇନ ଡ୍ରାଇଭର ଚନ୍ଦ୍ରଭାଗା ବେଳାଭୂମିକୁ ଅନ୍ତର୍ଜାତୀୟ ପର୍ଯ୍ୟଟନ କେନ୍ଦ୍ର ଭାବେ ବିକଶିତ କରାଯିବ । ଏ ଲାଗି ଚନ୍ଦ୍ରଭାଗାର ୧ କିମି ବ୍ୟାପି ଅଞ୍ଚଳରେ ବିକାଶ କାର୍ଯ୍ୟ କରାଯିବ । ଏଥିରେ ଜଳକ୍ରୀଡ଼ା, ଆମୋଦପ୍ରମୋଦ, ଚଲାପଥ, ସାଇକେଲ ଟ୍ରାକ୍, ମୁକ୍ତ ରଙ୍ଗ ମଞ୍ଚ, ଛୋଟ ପିଲାଙ୍କ ପାଇଁ ଖେଳ ଅଞ୍ଚଳ ଏବଂ ଦୁଃସାହସିକ ଖେଳର ସୁବିଧା ରହିବ । ସେହିପରି ପର୍ଯ୍ୟଟକଙ୍କ ସୁରକ୍ଷା ମଧ୍ୟ ଏଥିରେ ଦୃଷ୍ଟି ଦିଆଯିବ । ବେଳାଭୂମିରେ ଲାଇଫ୍ ଗାର୍ଡ ଓ ସୁରକ୍ଷା ବ୍ୟବସ୍ଥାର ତଦାରଖ ହେବ । ତେଣୁ କୋଣାର୍କ ସୂର୍ଯ୍ୟ ମନ୍ଦିର ବୁଲା ସହିତ ପର୍ଯ୍ୟଟକ ଚନ୍ଦ୍ରଭାଗା କୂଳରେ ନିଆରା ମଜା ପାଇପାରିବେ । ଅନ୍ୟପଟେ ନବୀକରଣ କାର୍ଯ୍ୟ ପରେ ଗୋଆ ଏବଂ ପଣ୍ଡିଚେରୀ ଭଳି ଏହା ଝଲସିବ ।










## ଇକୋ-ରିଟ୍ରିଟ୍ ମାଧ୍ୟମରେ ପ୍ରକୃତିର ନିଆରା ଅନୁଭୂତି

ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଲାଗି କୋଣାର୍କରେ ପ୍ରତିବର୍ଷ ଇକୋ-ରିଟ୍ରିଟ୍ ଉପରେ ଗୁରୁତ୍ୱ ଦିଆଯାଏ । ଏହା ମାଧ୍ୟମରେ ପର୍ଯ୍ୟଟକ ପ୍ରାକୃତିକ ପରିବେଶର ଅନନ୍ୟ ଅନୁଭୂତିର ମଜା ନେଇଥାନ୍ତି । ସେହିପରି ବର୍ତ୍ତମାନ ଇକୋ ରିଟ୍ରିଟ୍‌କୁ ମଧ୍ୟ ଲୋକେ ଖୁବ୍ ପସନ୍ଦ କରୁଛନ୍ତି । ତେବେ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ହୋଇଥିବା ବିଳାସପୂର୍ଣ୍ଣ କଟେଜ୍‌ରେ ଆରାମଦାୟକ ରହଣୀର ସୁବିଧା ମିଳେ । ଏହାସହ ସୁସ୍ୱାଦୁ ଖାଦ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମର ମଜା ନେଇଥାନ୍ତି । ଶୀତ ଦିନେ ହିଁ ପର୍ଯ୍ୟଟକମାନେ ଏମିତି ଏକ ରୋମାଞ୍ଚକର ଅନୁଭୂତି ମିଳିଥାଏ । କେବଳ ସେତିକି ନୁହେଁ, ବୋଟିଂ ସହିତ ସମୁଦ୍ର ଭିତରେ ବୁଲିବା ଲାଗି ବ୍ୟବସ୍ଥା କରାଯାଇଥାଏ । ଛୋଟ ପିଲାଙ୍କ ଲାଗି ଖେଳ ସାମଗ୍ରୀର ବ୍ୟବସ୍ଥା ବି ହୋଇଥାଏ । ଅନ୍ୟପଟେ ପର୍ଯ୍ୟଟକମାନେ ସୂର୍ଯ୍ୟ ମନ୍ଦିର ବୁଲିବା ସହ ଚନ୍ଦ୍ରଭାଗା, ରାମଚଣ୍ଡୀ ବୁଲି ଏହି ସ୍ଥାନରେ ରାତ୍ରୀ ଯାପନ କରନ୍ତି । ସେହିପରି ଦେଶବିଦେଶର ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ପାଇଁ ପ୍ରତିବର୍ଷ କୋଣାର୍କ ନୃତ୍ୟ ଉତ୍ସବର ଆୟୋଜନ କରାଯାଉଛି । ■



## ବାଲୁକା କଳା ପର୍ବ

୨୦୧୫ ମସିହାରୁ ପ୍ରତିବର୍ଷ ପ୍ରାୟ ଡିସେମ୍ବର ମାସରେ ଏହି ବେଳାଭୂମିରେ ଆନ୍ତର୍ଜାତୀୟ ବାଲୁକା କଳା ପର୍ବ ପାଳନ କରାଯାଏ । ଏହି ବାଲୁକା କଳାରେ ଦେଶବିଦେଶରୁ ପ୍ରତିଯୋଗୀମାନେ ଭାଗ ନେଇଥାନ୍ତି । ବାଲୁକା କଳାର ସୂକ୍ଷ୍ମ କାରୁକାର୍ଯ୍ୟ ପର୍ଯ୍ୟଟକମାନଙ୍କ ମନକୁ ବିମୋହିତ କରିଥାଏ । ତେବେ କାର୍ତ୍ତିକ ପୂର୍ଣ୍ଣିମାରେ ବି ଏଠାରେ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥାଏ । ମୁଖ୍ୟତଃ ଓଡ଼ିଶାର ପ୍ରାଚୀନ ନୌବାଣିଜ୍ୟ ଏବଂ ସାଂସ୍କୃତିକ ପରମ୍ପରାକୁ ମନେ ପକାଇବା ଲାଗି ଚନ୍ଦ୍ରଭାଗାରେ ଭିଡ଼ ଦେଖିବାକୁ ମିଳିଥାଏ । ଏହି ଅବସରରେ ବୁଡ଼ ପକାଇ ଲୋକେ ଡଙ୍ଗା ଭସାନ୍ତି । ତା'ସହ ସୂର୍ଯ୍ୟନାରାୟଣଙ୍କ ଦର୍ଶନ କରିଥାନ୍ତି ।

# ବାଲେଶ୍ୱରର ମନୋରମ ବେଳାଭୂମି


ଅସୀମ ମହାପାତ୍ର , ବାଲେଶ୍ୱର

ପର୍ଯ୍ୟଟନ ଋତୁ ଆସିଲେ ସମୁଦ୍ର ବେଳାଭୂମି ସବୁ ଚଳଚଞ୍ଚଳ । ଆଉ ଅଧିକାଂଶ ପର୍ଯ୍ୟଟକଙ୍କ ପ୍ରଥମ ପସନ୍ଦ ପାଲଟିଛି ଶାନ୍ତ ମନୋରମ ପ୍ରାକୃତିକ ବେଳାଭୂମି । ବାଲେଶ୍ୱର ଜିଲ୍ଲାରେ ବିସ୍ତୀର୍ଣ୍ଣ ବେଳାଭୂମିରେ ରହିଛି ବହୁ ପ୍ରାକୃତିକ ପର୍ଯ୍ୟଟନ ସ୍ଥଳୀ । ଯାହାକି ସ୍ଥାନୀୟ ତଥା ବାହାର ରାଜ୍ୟର ପର୍ଯ୍ୟଟକଙ୍କୁ ଆକର୍ଷିତ କରୁଛି । ପୂର୍ବ ଭାରତରେ ଓଡ଼ିଶା ସର୍ବାଧିକ ୫୭୪.୭ କିଲୋମିଟର ବେଳାଭୂମି ମଧ୍ୟରୁ ବାଲେଶ୍ୱର ଜିଲ୍ଲାରେ ୮୧ କି.ମି. ବେଳାଭୂମି ରହିଛି । ବାଲେଶ୍ୱର ଉପକୂଳରେ ବହୁ ଆକର୍ଷଣୀୟ ତଥା ପ୍ରାକୃତିକ ମନୋରମ ବେଳାଭୂମି ରହିଛି । ବିଶ୍ୱପ୍ରସିଦ୍ଧ ଉଦୟପୁର-ତାଳସାରୀ ବେଳାଭୂମିର ପ୍ରାକୃତିକ ଶୋଭାରାଜି ଅନନ୍ୟ ହୋଇଥିବା ବେଳେ ଡଗରା, ବାଗଦା, ଚାନ୍ଦିପୁର ଆଦି ବେଳାଭୂମି ପର୍ଯ୍ୟଟନ ମାନଚିତ୍ରରେ ସ୍ୱତନ୍ତ୍ର ସ୍ଥାନ ହାସଲ କରିଛି । ପର୍ଯ୍ୟଟନସ୍ଥଳୀର ଭିତ୍ତିଭୂମି କାର୍ଯ୍ୟ ପ୍ରଗତିରେ ଥିବା ବେଳେ ଅନ୍ୟ ବେଳାଭୂମିଗୁଡ଼ିକର ବିକାଶ ଅପେକ୍ଷାରେ ପର୍ଯ୍ୟଟକ ଏବେ ବି ରହିଛନ୍ତି । ପ୍ରାକୃତିକ ପର୍ଯ୍ୟଟନ ଶିଳ୍ପର ବିକାଶର ପର୍ଯ୍ୟାପ୍ତ ସୁଯୋଗ ରହିଥିବା ବେଳେ ଆଜି ବି ବାଲେଶ୍ୱର ଜିଲ୍ଲାରେ ପର୍ଯ୍ୟଟନ ଶିଳ୍ପକୁ ମାନ୍ୟତା ମିଳି ପାରିନାହିଁ । ବାହାରର ପର୍ଯ୍ୟଟକଙ୍କୁ ଆକୃଷ୍ଟ କଲା ଭଳି ହୋଟେଲ, କଟେଜ୍, ଆନୁଷଙ୍ଗିକ ସୁବିଧା ସୁଯୋଗ ଆଦିର ବିକାଶ ହୋଇପାରୁନି । ବାଲେଶ୍ୱରର ବେଳାଭୂମି ପର୍ଯ୍ୟଟନକୁ ଗୁରୁତ୍ୱ ଦିଆଯାଇ ପାରିଲେ ସ୍ଥାନୀୟ ଅଞ୍ଚଳବାସୀଙ୍କ ପାଇଁ ରୋଜଗାରର ସୁଯୋଗ ସୃଷ୍ଟି ହେବା ସହିତ ଉତ୍ତର ଓଡ଼ିଶାର ଅର୍ଥନୈତିକ ଅଭିବୃଦ୍ଧିରେ ଏକ ମାଇଲ୍ ଖୁଣ୍ଟ ସ୍ଥାପନ କରିବ ।









## ବିଚିତ୍ରପୁର ପ୍ରାକୃତିକ ପର୍ଯ୍ୟଟନସ୍ଥଳୀ

ବାଲେଶ୍ୱର ଓ ପଶ୍ଚିମବଙ୍ଗର ସୀମାବର୍ତ୍ତୀ ଭୋଗରାଇ ବ୍ଲକ୍‌ରେ ରହିଛି ବିଚିତ୍ରପୁର ପ୍ରାକୃତିକ ପର୍ଯ୍ୟଟନସ୍ଥଳୀ । ସୁବର୍ଣ୍ଣରେଖା ନଦୀ ଓ ବଙ୍ଗୋପସାଗର ସଙ୍ଗମସ୍ଥଳୀରେ ରହିଛି ପ୍ରକୃତିର ବିଚିତ୍ର ସମ୍ଭାରରେ ଭରପୂର ବିଚିତ୍ରପୁର । ପର୍ଯ୍ୟଟକଙ୍କ ରହଣି ପାଇଁ ବନବିଭାଗର ପ୍ରକୃତି ନିବାସର ବ୍ୟବସ୍ଥା ରହିଛି । ବ୍ୟସ୍ତବହୁଳ ଜୀବନରୁ ଦୂରେଇ ପ୍ରକୃତି କୋଳରେ କିଛି ସମୟ ବିତାଇବାର ପ୍ରକୃଷ୍ଟ ସ୍ଥାନ ହେଉଛି ବିଚିତ୍ରପୁର । ସୁବର୍ଣ୍ଣରେଖା ନଦୀକୂଳସ୍ଥ ଖଡ଼ିବିଲଠାରୁ ନୌକାବିହାର (ବୋଟିଂ) କରି ସମୁଦ୍ର ସଙ୍ଗମସ୍ଥଳୀ ପର୍ଯ୍ୟନ୍ତ ଯିବାକୁ ପଡ଼ିଥାଏ । ନଦୀର ଉଭୟ ପାର୍ଶ୍ୱରେ ଚିରସବୁଜ ହେନ୍ତାଳ ବଣ ପର୍ଯ୍ୟଟକଙ୍କ ମନରେ ସବୁଜିମାର ଛାପ ଛାଡ଼ିଥାଏ । ପାଖାପାଖି ୫୬୩ ହେକ୍ଟର ପରିମିତ ଏହି ପ୍ରାକୃତିକ ପର୍ଯ୍ୟଟନ ସ୍ଥଳୀରେ ବହୁ ସାମୁଦ୍ରିକ ଜୀବଜନ୍ତୁ, ବିଦେଶୀ ପକ୍ଷୀ, ଅଲିଭ୍ ରିଡ୍‌ଲେ କଇଁଛ, ନାଲି କଙ୍କଡ଼ା, ବିରଳ ନୀଳରକ୍ତ କଙ୍କଡ଼ା ଆଦି ଦେଖିବାକୁ ମିଳିଥାନ୍ତି । ସଙ୍ଗମସ୍ଥଳୀରେ ବିସ୍ତୀର୍ଣ୍ଣ ବେଳାଭୂମି ଅତ୍ୟନ୍ତ ଆକର୍ଷଣୀୟ ହୋଇଥିବାରୁ ବଣଭୋଜି କରିବାକୁ ବହୁ ପର୍ଯ୍ୟଟକ ଆସିଥାନ୍ତି । ଓଡ଼ିଶା ବନବିଭାଗ ପକ୍ଷରୁ ବିଚିତ୍ରପୁର ଇକୋ ଟୁରିଜିମ୍ କ୍ୟାମ୍ପ୍‌ରେ ପର୍ଯ୍ୟଟକଙ୍କ ରହଣି ପାଇଁ କଟେଜ୍‌ର ବ୍ୟବସ୍ଥା ରହିଛି । ଯାହାକି ବାହାର ରାଜ୍ୟର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି । ଏଠାକାର ପ୍ରାକୃତିକ ପରିବେଶ ଗବେଷଣା ପାଇଁ ଅଧିକାଂଶ ସମୟରେ ଜୀବ ବିଜ୍ଞାନୀମାନେ ଆସିଥାନ୍ତି । ଏଭଳି ପ୍ରାକୃତିକ ପର୍ଯ୍ୟଟନ ସ୍ଥଳୀର ସଂରକ୍ଷଣ ସହ ବିକାଶ ହୋଇପାରିଲେ ଆଞ୍ଚଳିକ ଅର୍ଥନୈତିକ ବିକାଶ କ୍ଷେତ୍ରରେ ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ରହିବ ।



## ଉଦୟପୁର ଓ ତାଳସାରୀ ବେଳାଭୂମି

ବିଶ୍ୱସ୍ତରୀୟ ପ୍ରାକୃତିକ ବେଳାଭୂମି ମଧ୍ୟରେ ବାଲେଶ୍ୱର ଜିଲ୍ଲାର ଉଦୟପୁର-ତାଳସାରୀ ସୁରମ୍ୟ ବେଳାଭୂମି ରହିଛି । ପୁରୀ-କୋଣାର୍କ ମେରାଇନ୍ ଡ୍ରାଇଭ୍ ଭଳି ଏହି ବେଳାଭୂମି ପର୍ଯ୍ୟଟକଙ୍କୁ ଆକର୍ଷିତ କରିବାର କ୍ଷମତା ରହିଛି । ମନୋରମ ବେଳାଭୂମି ଓ ବୀସ୍ତିର୍ଣ୍ଣ ଝାଉଁ ଜଙ୍ଗଲ ପ୍ରକୃତି ପ୍ରେମୀଙ୍କୁ ଆକୃଷ୍ଟ କରିଥାଏ । ଶାନ୍ତ ମନୋରମ ପରିବେଶ ତଥା ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତ ସମୟର ମନଙ୍କ ଦୃଶ୍ୟର ମଜା ନେବାକୁ ବହୁ ପର୍ଯ୍ୟଟକ ଏଠାକୁ ଆସିଥାନ୍ତି । ରାଜ୍ୟ ସରକାର ଉଦୟପୁର ଓ ତାଳସାରୀ ବେଳାଭୂମିର ମେରାଇନ୍ ଡ୍ରାଇଭ୍‌କୁ ବିକଶିତ କରିବାକୁ ସ୍ୱତନ୍ତ୍ର ଧ୍ୟାନ ଦେଉଥିବା ବେଳେ ଏହି ପର୍ଯ୍ୟଟନସ୍ଥଳୀକୁ ବିଶ୍ୱସ୍ତରୀୟ କରି ଗଢ଼ି ତୋଳିବାକୁ ଘୋଷଣା କରିଛନ୍ତି । ମେରାଇନ୍ ଡ୍ରାଇଭର ଭିତ୍ତିଭୂମି ବିକାଶ ନେଇ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିବା ପରେ ଉନ୍ନୟନ କାର୍ଯ୍ୟ ଜାରି ରହିଥିଲା । ପାଖରେ ଥିବା ପଶ୍ଚିମବଙ୍ଗର ଦୀଘା ବେଳାଭୂମି ସଦାସର୍ବଦା ବ୍ୟସ୍ତବହୁଳ ରହୁଥିବାରୁ ବହୁ ପର୍ଯ୍ୟଟକ ଭୋଗରାଇ ବ୍ଲକ୍‌ର ଉଦୟପୁର-ତାଳସାରୀ ବେଳାଭୂମିରେ ସମୟ ବିତାଇବାକୁ ପସନ୍ଦ କରୁଛନ୍ତି । ତେଣୁ ଉଦୟପୁର-ତାଳସାରୀ ବେଳାଭୂମିର ସ୍ୱତନ୍ତ୍ର ପରିଚୟ ଧୀରେ ଧୀରେ ବଢ଼ିବାରେ ଲାଗୁଛି । ୩ କିଲୋମିଟରର ବିସ୍ତୀର୍ଣ୍ଣ ମେରାଇନ୍ ଡ୍ରାଇଭ୍‌ରେ ନାଲି କଙ୍କଡ଼ାଙ୍କ ଲୁଚକାଳି ଖେଳ ଓ ଝାଉଁ ଜଙ୍ଗଲରୁ ଭାସି ଆସୁଥିବା ସାଇଁ ସାଇଁ ପବନ ଓ ସମୁଦ୍ରରୁ ଭାସି ଆସୁଥିବା ମତୁଆଲା ଲହରୀ ପ୍ରକୃତିପ୍ରେମୀଙ୍କୁ ବେଶ୍ ଆକର୍ଷିତ କରିଥାଏ । ଏଠାରେ ଆତିଥ୍ୟ ଉଦ୍ୟୋଗର ବିକାଶ ପାଇଁ ଅଧିକ ପୁଞ୍ଜିନିବେଶର ଆବଶ୍ୟକତା ରହିଛି ।

## ଚାନ୍ଦିପୁର ବେଳାଭୂମି

ବାଲେଶ୍ୱର ସହରଠୁ ଅନତି ଦୂରରେ ରହିଛି ଚାନ୍ଦିପୁର ବେଳାଭୂମି। ବିଶ୍ୱର ଏକ ଅଦ୍ୱିତୀୟ ବେଳାଭୂମି । ଏହି ଅନନ୍ୟ ବେଳାଭୂମିର ଜୁଆର ଏବଂ ଭଟ୍ଟାର ଲୁଚକାଳି ଖେଳ ବେଶ୍ ଅଦ୍ଭୁତ । ଏହି ବେଳାଭୂମିରେ ଜୁଆର ସମୟରେ ସମୁଦ୍ରର ଲହରୀ କୂଳ ଛୁଉଁଥିବା ବେଳେ ଭଟ୍ଟା ଆସିଲେ ସମୁଦ୍ର ଗର୍ଭକୁ ୩ରୁ ୫କିମି ପର୍ଯ୍ୟନ୍ତ ଲହରୀ ଉଭାନ ହୋଇଯାଇଥାଏ । ଏହି ସମୟରେ ରହିଥିବା ହାଲକା ପାଣିରେ ଚାଲି ଚାଲି ସମୁଦ୍ର ଭିତରେ ବୁଲିବାରେ ପର୍ଯ୍ୟଟକଙ୍କୁ ମଜା ଦେଇଥାଏ । ଚାନ୍ଦିପୁର ବେଳାଭୂମିରେ ସମୁଦ୍ର ପାଣିର ଲୁଚକାଳି ଖେଳ ପର୍ଯ୍ୟଟକଙ୍କୁ ଅଧିକ ଉତ୍ସୁକ କରୁଥାଏ । ଏହି ଅନନ୍ୟ ଅନୁଭୂତି ବେଳାଭୂମିକୁ ନିଆରା ପରିଚୟ ଦେଇଥାଏ । ଶାନ୍ତ ମନୋରମ ପରିବେଶର ମଜା ଉଠାଇବାକୁ ପର୍ଯ୍ୟଟକ ଏଠାକୁ ଆସିଥାନ୍ତି । ଚାନ୍ଦିପୁର ଡିଆରଡିଓର କ୍ଷେପଣାସ୍ତ୍ର ପରୀକ୍ଷଣ ଘାଟି ପାଇଁ ଚାନ୍ଦିପୁର ପ୍ରସିଦ୍ଧ । ଯଦିଓ ଚାନ୍ଦିପୁରରେ ପର୍ଯ୍ୟଟନ ଶିଳ୍ପର ଆଖିଦୃଶିଆ ବିକାଶ ହୋଇନି, କିନ୍ତୁ ଏଠାକାର ଶାନ୍ତ ମନୋରମ ପରିବେଶ ପ୍ରକୃତିପ୍ରେମୀ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରଥାଏ । ବାଲେଶ୍ୱର ସହର ସନ୍ନିକଟ ଚାନ୍ଦିପୁର ବେଳାଭୂମି ପର୍ଯ୍ୟଟକଙ୍କ ପ୍ରଥମ ପସନ୍ଦ ହୋଇଥିବା ବେଳେ ଏଠାକାର ସାମଗ୍ରିକ ଭିତ୍ତିଭୂମି ବିକାଶ ଏକ ଚ୍ୟାଲେଞ୍ଜ ପାଲଟିଛି ।



## କଷାଫଳ ଓ ବାଗଦା ବେଳାଭୂମି

ବାଲେଶ୍ୱର ସଦର ବ୍ଲକ୍‌ର ବାହାବଳପୁର ମୁହାଣକୁ ଲାଗି ରହିଛି କଷାଫଳ ବେଳାଭୂମି । ବିଶେଷ କରି ମତ୍ସ୍ୟ ଅବତରଣ କେନ୍ଦ୍ର ଭାବେ ଜଣାଶୁଣା ଏହି ବେଳାଭୂମିର ପ୍ରାକୃତିକ ସୌନ୍ଦର୍ଯ୍ୟ ଅତୁଳନୀୟ । କିନ୍ତୁ ପର୍ଯ୍ୟଟକଙ୍କୁ ସୁହାଇଲା ଭଳି ଭିତ୍ତିଭୂମି ନଥିବାରୁ ଏହି ପ୍ରାକୃତିକ ବେଳାଭୂମି ଲୋକଲୋଚନକୁ ଆସି ପାରୁନାହିଁ । ପଞ୍ଚୁପଡ଼ା ଓ ଡୁବଡୁବି ନଦୀର ସଙ୍ଗମସ୍ଥଳରେ ବିସ୍ତୀର୍ଣ୍ଣ ବେଳାଭୂମିରେ ଲାଲ କଙ୍କଡ଼ାର ଅପରୂପ ସମ୍ଭାର ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ର ପାଲଟିଥାଏ । ନଦୀର ଗୋଟିଏ ପଟେ ବିସ୍ତୀର୍ଣ୍ଣ ଝାଉଁ ଜଙ୍ଗଲ ସାଙ୍ଗକୁ ସମୁଦ୍ରର ବିଚିତ୍ର ରୂପ ବେଳାଭୂମି ପର୍ଯ୍ୟଟନରେ ରୁଚି ରଖୁଥିବା ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ । ୬୦ ନମ୍ବର ଜାତୀୟ ରାଜପଥ ହଳଦୀପଦା ଛକରୁ ବାହାବଳପୁର ମୁହାଣକୁ ଯୋଡ଼ିଥିବା ରାସ୍ତାର ବିକାଶ ତଥା ଏହି ପ୍ରାକୃତିକ ବେଳାଭୂମିର ଭିତ୍ତିଭୂମି ବିକାଶ ହେଲେ ପର୍ଯ୍ୟଟକଙ୍କୁ ଆକର୍ଷିତ କରିପାରିବ । ସେହିପରି ବାହାବଳପୁର ସମୁଦ୍ରତଟଠାରୁ ମାତ୍ର ଦୁଇ କିଲୋମିଟର ଦୂରରେ ଦୁବଲାଗଡ଼ିରେ ବାଗଦା ବେଳାଭୂମି ରହିଛି । ଏହି ପ୍ରାକୃତିକ ବେଳାଭୂମିର ଇକୋ ରିସୋର୍ଟ ଏବେ ପର୍ଯ୍ୟଟକଙ୍କ ପସନ୍ଦଯୋଗ୍ୟ ପ୍ରାକୃତିକ ପର୍ଯ୍ୟଟନ କ୍ଷେତ୍ର ପାଲଟିଛି । ପ୍ରାକୃତିକ ପରିବେଶ ମଧ୍ୟରେ ସମୟ ଅତିବାହିତ କରିବା ସହ ସୁଆଦିଆ ଖାଦ୍ୟ ଖାଇବାର ମଜା ଉଠାଇବାକୁ ବାହାରୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଆସୁଛନ୍ତି । ଦୁବଲାଗଡ଼ି ବାଗଦା ବେଳାଭୂମିର ବିକାଶ କ୍ଷେତ୍ରରେ ବେସରକାରୀ ସଂସ୍ଥାର ଯୋଗଦାନ ଅଧିକ ରହିଛି । ସେହିପରି ଅନ୍ୟ ବେଳାଭୂମି ବିକାଶ ପାଇଁ ପ୍ରୋତ୍ସାହନ ମିଳିଲେ ପର୍ଯ୍ୟଟନ କ୍ଷେତ୍ରର ସାମଗ୍ରିକ ବିକାଶ ହୋଇପାରିବ ।



## ନାଲି କଙ୍କଡ଼ା ପାଇଁ ପ୍ରସିଦ୍ଧ ଡଗରା

ବାଲେଶ୍ୱର ଜିଲ୍ଲାର ବାଲିଆପାଳ ବ୍ଲକ୍‌ରେ ରହିଛି ଗରା ବେଳାଭୂମି । ଏହି ବେଳାଭୂମି ନାଲି କଙ୍କଡ଼ାର ଚାଦର ଓ ରୂପେଲି ବାଲୁକା ଶଯ୍ୟା ପାଇଁ ପ୍ରସିଦ୍ଧ । ଆଉ ପର୍ଯ୍ୟଟକଙ୍କୁ ମତୁଆଲା କରିଲା ଭଳି ସମୁଦ୍ର ଢେଉ । ଏଭଳି ଏକ ପ୍ରାକୃତିକ ବେଳାଭୂମି, ସମୁଦ୍ର ତଟରେ ବିସ୍ତୀର୍ଣ୍ଣ ଝାଉଁ ଜଙ୍ଗଲ ରହିଛି, ଯାହାକି ସାମୁଦ୍ରିକ ବିରଳ କଇଁଛ ଅଲିଭ୍ ରିଡଲେଙ୍କ ଅଣ୍ଡାଦାନ ପାଇଁ ନୂଆ ଠିକଣା ମଧ୍ୟ ପାଲଟିଛି । ୨୦୧୪ ମସିହାରେ ଡଗରା ବେଳାଭୂମି ପର୍ଯ୍ୟଟନସ୍ଥଳୀର ମାନ୍ୟତା ମିଳିଲା । ଉକ୍ତ ପର୍ଯ୍ୟଟନ କ୍ଷେତ୍ରର ଭିତ୍ତିଭୂମି ବିକାଶ ହୋଇନଥିବାରୁ ପର୍ଯ୍ୟଟନ ଶିଳ୍ପର ବିକାଶ ହୋଇପାରୁନାହିଁ । ବେଳାଭୂମିର ପାରିପାର୍ଶ୍ୱିକ ଉନ୍ନୟନ ହେଉନଥିବାରୁ ପର୍ଯ୍ୟଟକଙ୍କ ରହଣିରେ ଅସୁବିଧା ଉପୁଜୁଛି । ଏହି ପ୍ରାକୃତିକ ବେଳାଭୂମିର ପାରିପାର୍ଶ୍ୱିକ ବିକାଶ ସହିତ ହୋଟେଲ ଆଦି ଗଢ଼ି ଉଠିଲେ ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ର ପାଲଟି ପାରିବ ।

## ଯମୁନାଶୂଳ ବେଳାଭୂମି

ବାଲେଶ୍ୱର ଜିଲ୍ଲା ସଦର ମହକୁମାଠାରୁ ୭୦ କିମି ଓ ବାଲିଆପାଳ ବ୍ଲକ ମୁଖ୍ୟାଳୟଠାରୁ ୨୦କିମି ଓ ଲଙ୍ଗଳେଶ୍ୱରଠାରୁ ୫କିମି ଦୂର ପଞ୍ଚୁପାଲିଠାରେ ରହିଛି ଅନନ୍ୟ ଯମୁନାଶୂଳ ବେଳାଭୂମି । ଯାହାକି ଏକ ପ୍ରାକୃତିକ ବେଳାଭୂମି ଭାବେ ପରିଚିତ । ସୁବିସ୍ତୀର୍ଣ୍ଣ ବାଲୁକା ଶଯ୍ୟା, ହରିତକାୟ ଝାଉଁ ଜଙ୍ଗଲର ସୁଁ ସୁଁ ଶବ୍ଦ ମଧ୍ୟରେ ନାଲି କଙ୍କଡ଼ାଙ୍କ ଲୁଚକାଳି ଖେଳ, ସମୁଦ୍ରର ନୀଳ ଜଳରାଶି ମଧ୍ୟରେ ଉତ୍ତାଳ ତରଙ୍ଗ ପର୍ଯ୍ୟଟକଙ୍କୁ ଆନମନା କରିଥାଏ । ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତ ସମୟରେ ସମୁଦ୍ରର ଜଳରାଶି ଉପରେ ରକ୍ତଭିଜା ଲାଲ କିରଣର ଦୃଶ୍ୟ ପର୍ଯ୍ୟଟକଙ୍କ ମନ ମୋହି ନେଇଥାଏ । ଏଠାରେ ରହିଥିବା ପନ୍ଥନିବାସରେ ପର୍ଯ୍ୟଟକଙ୍କୁ ସବୁ ସୁବିଧା ମିଳିଥାଏ । ଏହି ବେଳାଭୂମିରେ ମକର ମେଳା, ବାରୁଣୀ ସ୍ନାନ ପାଇଁ ପ୍ରତିବର୍ଷ ହଜାର ହଜାର ଜନସମାଗମ ହୋଇଥାଏ ।

## ସୁଦୃଢ଼ ଭିତ୍ତିଭୂମି ଆବଶ୍ୟକ

ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗ ନିକଟରେ ପର୍ଯ୍ୟାପ୍ତ ବେଳାଭୂମି ନାହିଁ। ତଥାପି ଉନ୍ନତ ଭିତ୍ତିଭୂମି ବିକାଶ ପାଇଁ ସେଠାରେ ପର୍ଯ୍ୟଟନ ଶିଳ୍ପର ଅଭିବୃଦ୍ଧି ହୋଇ ଚାଲିଛି। ଦୀଘା, ମନ୍ଦାରମଣି, ତେଜପୁର, ଶଙ୍କରପୁର ଆଦି ବେଳାଭୂମି ପର୍ଯ୍ୟଟନସ୍ଥଳୀରେ ଦୈନିକ ହଜାର ହଜାର ପର୍ଯ୍ୟଟକଙ୍କ ଭିଡ଼ ଲାଗି ରହୁଛି। ଏଠାରେ ପର୍ଯ୍ୟଟନ ଭିତ୍ତିଭୂମି ବିକାଶ ଓ ହୋଟେଲ୍ ଶିଳ୍ପର ବିକାଶ ହୋଇ ଚାଲିଥିବାରୁ ଆତିଥ୍ୟ ଉଦ୍ୟୋଗର ଅଭିବୃଦ୍ଧି ଘଟିଛି । ତେବେ ପଡ଼ୋଶୀ ବାଲେଶ୍ୱର ଜିଲ୍ଲାରେ ସ୍ଥିତି ସଂପୂର୍ଣ୍ଣ ଓଲଟା । ଅଧିକାଂଶ ପ୍ରାକୃତିକ ବେଳାଭୂମିର ବିକାଶ ଏବେ ବି ପରିବେଶ ମନ୍ତ୍ରାଳୟର ଅନୁମୋଦନ ଅପେକ୍ଷାରେ ରହିଛି। ବିଚିତ୍ରପୁର, ଉଦୟପୁର, ତାଳସାରୀ, ଡଗରା, କଷାଫଳ, ଦୁବଲାଗଡ଼ି, ଚାନ୍ଦିପୁର ଆଦି ବେଳାଭୂମିର ଭିତ୍ତିଭୂମି ବିକାଶ ପାଇଁ ରାଜ୍ୟ ସରକାର ପର୍ଯ୍ୟାପ୍ତ ସୁଯୋଗ ସୃଷ୍ଟି କରିବାକୁ ପଡ଼ିବ । ବେଳାଭୂମିକୁ ରାସ୍ତାଘାଟ, ମେରାଇନ ଡ୍ରାଇଭ୍, ହୋଟେଲ ଏବଂ ଆତିଥ୍ୟ ଉଦ୍ୟୋଗ କ୍ଷେତ୍ରରେ ଯେତେଟା ବିକାଶ ହେବ; ବାହାର ରାଜ୍ୟର ପର୍ଯ୍ୟଟକଙ୍କୁ ସେତେଟା ଆକର୍ଷଣ କରିପାରିବ । ବିଦେଶୀ ପର୍ଯ୍ୟଟକ ପ୍ରାକୃତିକ ତଥା ଶାନ୍ତ ମନୋରମ ବେଳାଭୂମିକୁ ଅଧିକ ପସନ୍ଦ କରୁଥିବାରୁ ବାଲେଶ୍ୱର ଜିଲ୍ଲାର ପ୍ରତିଟି ପର୍ଯ୍ୟଟନସ୍ଥଳୀ ସେମାନଙ୍କ ପସନ୍ଦଯୋଗ୍ୟ ହୋଇପାରିବ। କିନ୍ତୁ ହେଟେଲ ଓ ଆତିଥ୍ୟ ଉଦ୍ୟୋଗ କ୍ଷେତ୍ରରେ ଆଖିଦୃଶିଆ ବିକାଶ ହୋଇପାରିନଥିବାରୁ ପ୍ରାକୃତିକ ବେଳାଭୂମି ପର୍ଯ୍ୟଟକଙ୍କ ପସନ୍ଦଯୋଗ୍ୟ ହୋଇପାରୁନାହିଁ। ଏହି କ୍ଷେତ୍ରରେ ସରକାରଙ୍କ ଅଧିକ ଫୋକସ୍ ଏବଂ ଘେରାଇ କ୍ଷେତ୍ରରୁ ଅଧିକ ପୁଞ୍ଜିନିବେଶ ହୋଇପାରିଲେ ବାଲେଶ୍ୱର ଜିଲ୍ଲାର ପ୍ରାକୃତିକ ବେଳାଭୂମି ପର୍ଯ୍ୟଟନ ସଫଳତାର ଶୀର୍ଷରେ ଛୁଇଁପାରିବ । ବାଲେଶ୍ୱର ଉପକୂଳର ବେଳାଭୂମି ପର୍ଯ୍ୟଟନ ସହିତ ସମଗ୍ର ଉତ୍ତର ଓଡ଼ିଶାକୁ ଗ୍ରାମାଞ୍ଚଳ ଇକୋ-ଟୁରିଜିମ୍ ହବ୍ ପାଲଟିବା ସହ ଆଞ୍ଚଳିକ ଅର୍ଥନୈତିକ ବିକାଶର ରାସ୍ତା ଫିଟିବ ।

ବାଲେଶ୍ୱର ଜିଲ୍ଲାରେ ରହିଛି ବହୁତ ଛୋଟ ବଡ଼ ପ୍ରାକୃତିକ ବେଳାଭୂମି। ସବୁଠି ବେଳାଭୂମି ପର୍ଯ୍ୟଟନ ପାଇଁ ଅମାପ ସୁଯୋଗ ରହିଥିବା ବେଳେ ଆଖିଦୃଶିଆ ଭିତ୍ତିଭୂମିର ବିକାଶ ହୋଇ ନଥିବାରୁ ପର୍ଯ୍ୟଟକଙ୍କୁ ରାତ୍ରି ରହଣୀ ପାଇଁ ସେଭଳି ସୁଯୋଗ ନାହିଁ। ଏପରିକି ପରିବେଶ ବିଭାଗର ଅନୁମତି ନଥିବାରୁ ଅଧିକାଂଶ ବେଳାଭୂମିରେ ବ୍ୟାବସାୟିକ ହୋଟେଲ ଶିଳ୍ପ ଗଢ଼ି ଉଠିପାରିନାହିଁ। କିଛି କିଛି ଉଠା ଦୋକାନୀ ଏହି ବେଳାଭୂମିରେ ବ୍ୟବସାୟ କରି ପେଟ ପୋଷୁଛନ୍ତି । ବେଳାଭୂମି ପର୍ଯ୍ୟଟନକୁ ବ୍ୟାପକ କରିବାକୁ ହେଲେ ସରକାରୀ ସ୍ତରରେ ପ୍ରୋତ୍ସାହନ ଯୋଗାଇ ଦେବା ସହିତ ପର୍ଯ୍ୟଟନ ଶିଳ୍ପକୁ ଫୋକସ୍ ଦେବାକୁ ପଡ଼ିବ। ଏହା ଦ୍ୱାରା ଆଞ୍ଚଳିକ ଅର୍ଥନୈତିକ ଅଭିବୃଦ୍ଧି ହେବା ସହିତ ରୋଜଗାରର ସୁଯୋଗ ସୃଷ୍ଟି ହେବ ବୋଲି ବୁଦ୍ଧିଜୀବୀ ମହଲରେ ଦାବି ହେଉଛି ।





ପବିତ୍ର ଓ ଦେବଭୂମି ଗଞ୍ଜାମ । ଏ ମାଟି ପ୍ରକୃତିର ଲୀଳାକ୍ଷେତ୍ର । ନିଜ ବକ୍ଷରେ ବୋହିଛି ଅନେକ ନଦୀ, ନାଳ, ସମୁଦ୍ର । ସମସ୍ତଙ୍କୁ ଆଦରି ନେଇ ନିଜକୁ ସମୃଦ୍ଧ ହୋଇଛି ଗଞ୍ଜାମ । କଳା, ସାହିତ୍ୟ, ସଂସ୍କୃତି ଓ ପରମ୍ପରାରେ ସେ ଯେତେ ଦକ୍ଷ, ପ୍ରାକୃତିକ ପରିବେଶ ଓ ପର୍ଯ୍ୟଟନରେ ମଧ୍ୟ ସେତିକି ସ୍ୱତନ୍ତ୍ର । ସାହିତ୍ୟ ଲୋକକଳା, ରାଜନୀତି ଗଞ୍ଜାମର ଅନ୍ୟତମ ପରିଚୟ ହୋଇଥିଲେ ହେଁ ପର୍ଯ୍ୟଟନ ଓ ବେଳାଭୂମି ଏ ମାଟିକୁ ବିଶ୍ୱବିଦିତ କରିଛି ।

**କ୍ଷୀରସିନ୍ଧୁ ମହାନ୍ତି, ବ୍ରହ୍ମପୁର**

# ପ୍ରକୃତି ପର୍ଯ୍ୟଟନର କ୍ଷେତ୍ର
# ଗଞ୍ଜାମର ନିଆରା ବେଳାଭୂମି

ଗଞ୍ଜାମ ଜିଲ୍ଲାର ବେଳାଭୂମି ବିସ୍ତୀର୍ଣ୍ଣ । ସୁନାପୁରରୁ ପ୍ରୟାଗି ପର୍ଯ୍ୟନ୍ତ ଏହା ପରିବ୍ୟାପ୍ତ । ରାଜ୍ୟରେ ଥିବା ବିଭିନ୍ନ ବେଳାଭୂମି ଅପେକ୍ଷା ଗଞ୍ଜାମ ବେଳାଭୂମି ସ୍ୱତନ୍ତ୍ର, ଅନନ୍ୟ ଓ ଅନୁପମା । ରାଜ୍ୟରେ ସମୁଦାୟ ୪୮୦ କି.ମି. ପରିବ୍ୟପ୍ତ ସମୁଦ୍ର ବେଳାଭୂମି ରହିଥିବା ବେଳେ ତନ୍ମଧ୍ୟରୁ ଗଞ୍ଜାମରେ ପ୍ରାୟ ୬୦ କିମି ବେଳାଭୂମି ରହିଛି । ଏହି ଜିଲ୍ଲାରେ ସଂପ୍ରତି ଗୋପାଳପୁର, ସୁନାପୁର, ଆର୍ଯ୍ୟପଲ୍ଲୀ, ବଟେଶ୍ୱର, ଋଷିକୂଲ୍ୟା, ମାର୍କଣ୍ଡି ସମେତ ଅନେକ ସମୁଦ୍ର ବେଳାଭୂମି ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ସ୍ୱତନ୍ତ୍ର ପରିଚିତ ହାସଲ କରିପାରିଛି । ପ୍ରତ୍ୟେକ ବେଳାଭୂମିରେ ଭିନ୍ନ ଭିନ୍ନ ଦୃଶ୍ୟ ଦୃଷ୍ଟିଗୋଚର ହୁଏ । ଗୋପାଳପୁର ପ୍ରମୁଖ ବେଳାଭୂମି ହୋଇଥିବା ବେଳେ ଏହା ପର୍ଯ୍ୟଟକଙ୍କ ପ୍ରଥମ ପସନ୍ଦ । ସେହିଭଳି ଇକୋ ରିଟ୍ରିଟ୍ ଓ ବଣଭୋଜି ଲାଗି ସୁନାପୁର ମଧ୍ୟ ପ୍ରସିଦ୍ଧ । ପ୍ରାକୃତିକ ବରିବେଶ ସହିତ ସୂର୍ଯ୍ୟର ପ୍ରଥମ କିରଣ ଆର୍ଯ୍ୟପଲ୍ଲୀ ବେଳାଭୂମିରେ ପଡ଼ିଲା ଭଳି ଅନୁଭବ ହୁଏ । ମହାଦେବଙ୍କ ସାନିଧ୍ୟ ଲାଭ କରିଥିବା ଆଉ ଏକ ପର୍ଯ୍ୟଟନ କ୍ଷେତ୍ର ବଟେଶ୍ୱର । ଏଠାକାର ବେଳାଭୂମି ବେଶ ଜଣାଶୁଣା । ସେପଟେ ସମୂହ ଗଣ ଅଣ୍ଡାଦାନ ଲାଗି ବିଦେଶୀ ଅଲିଭଖ୍ ରିଡ୍‌ଲେ ଧାଇଁ ଆସନ୍ତି ଗଞ୍ଜାମର ଋଷିକୁଲ୍ୟା ମୁହାଣକୁ । ଏମାନଙ୍କୁ ଦେଖିବା ଲାଗି ଦେଶ ବିଦେଶର ପର୍ଯ୍ୟଟକଙ୍କ ଭିଡ଼ ଲାଗି ରହେ । ସେହିପରି ମାର୍କଣ୍ଡି ବେଳାଭୂମିରେ ନଦୀ-ସମୁଦ୍ର ଉଭୟର ରୋମାଞ୍ଚକର ଦୃଶ୍ୟ ଦେଖିବାକୁ ମିଳେ । ଯାହା ପର୍ଯ୍ୟଟକ ଓ ଦର୍ଶକ ବେଶ୍ ପସନ୍ଦ କରନ୍ତି ।



## ମନ କିଣିନିଏ ଗୋପାଳପୁର

ମନ ଉଦାସ ଅଛି, ଚାଲୁନ ଗୋପାଳପୁର ବୁଲି ଆସିବା । ବର୍ଷ ସାରା କାମରେ ବ୍ୟସ୍ତ ରହି ନିଜ ପାଇଁ ଶାନ୍ତି ଖୋଜୁଛ ହେଲେ ପାଉନ, ଚାଲ ଗୋପାଳପୁର ଯିବା, ସେ ତମକୁ କ୍ଲାନ୍ତମୁକ୍ତ କରିବ । ତା' ବେଳାଭୂମି ସ୍ପର୍ଶରେ ଆସିଗଲେ ସବୁ କଷ୍ଟ ସେ ନେଇଯିବ । ମନରେ ଅନେକ ସଶକ୍ତ ସନ୍ଦେଶ ଯୋଗାଇବ । ଆଉ ଡେରି କାହିଁକି ଚାଲ ବୁଲି ଆସିବା ଗୋପାଳପୁର... । ହଁ, ଆଜ୍ଞା ଏହା ଆମେ କହୁନୁ । ଗୋପାଳପୁର ଆସୁଥିବା ପର୍ଯ୍ୟଟକ କୁହନ୍ତି । ଆଖପାଖ ଅଞ୍ଚଳବାସୀ ଗୋପାଳପୁରକୁ କେବଳ ଏକ ସମୁଦ୍ର ନୁହେଁ, ବରଂ ମାନସିକ ଶାନ୍ତିର ପ୍ରତୀକ ଭାବନ୍ତି । ଆଉ ବାହାରୁ ଆସୁଥିବା ପର୍ଯ୍ୟଟକ ଥରେ ଏଠାକୁ ଆସିଲେ ଆଉ ଯିବାକୁ ଛା କରନ୍ତି ନାହିଁ ।

ଗୋପାଳପୁର ହେଉଛି ଦକ୍ଷିଣ ଓଡ଼ିଶାର ଅନନ୍ୟ ପର୍ଯ୍ୟଟନ ବେଳାଭୂମି । ଏହା ସୁନ୍ଦର ସମୁଦ୍ର ବେଳାଭୂମି ଓ ବନ୍ଦର ସହର । ଗୋପାଳପୁର ବ୍ରହ୍ମପୁରଠାରୁ ପ୍ରାୟ ୧୫କିଲୋମିଟର ଦୂରରେ ଅବସ୍ଥିତ । ନୌବାଣିଜ୍ୟ ପରମ୍ପରାର ସମୃଦ୍ଧ ଇଲାକା ଗୋପାଳପୁର । ଏହାକୁ ନେଇ ପୂର୍ବକାଳର ଅନେକ କିମ୍ବଦନ୍ତୀ ରହିଛି । ଗୋପାଳପୁର ପ୍ରାଚୀନ ସମୁଦ୍ର ବନ୍ଦର ଭାବେ ଜଣାଶୁଣା । ଶୁଣିବାକୁ ମିଳେ ବ୍ରିଟିଶ୍ ଶାସନ ସମୟରେ ଇଷ୍ଟ ଇଣ୍ଡିଆ କମ୍ପାନୀ ବଡ଼ ବଡ଼ ନିର୍ମାଣ କରିଥିଲା । ବର୍ମା ସହିତ ବାଣିଜ୍ୟ ବଢ଼ିଥିଲା । ଏହା ରଙ୍ଗୁନ୍‌ରୁ ଚାଉଳ ପାଇଁ ଏକ ବାଣିଜ୍ୟ କେନ୍ଦ୍ର ପାଲଟିଥିବା ଶୁଣିବାକୁ ମିଳେ । ଗୋପାଳପୁର ତା'ର ଲାଇଟହାଉସ୍ ଏବଂ ସମେତ ବିଭିନ୍ନ



ହୋଟେଲ ଏବେ ପର୍ଯ୍ୟଟକଙ୍କ ପ୍ରମୁଖ ପସନ୍ଦ ହୋଇଛି । ଗୋପାଳପୁର ଏକ ଶାନ୍ତ, ଆରାମଦାୟକ ସ୍ଥାନ। ଏହା ଭାରତର ସବୁଠାରୁ ଚର୍ଚ୍ଚିତ ବେଳାଭୂମି । ଯାହାର ନିଜସ୍ୱ ସ୍ୱତନ୍ତ୍ର ଆକର୍ଷଣ ରହିଛି। ଗୋପାଳପୁର ସମୁଦ୍ର ବେଳାଭୂମିର ମନୋରାମ ଦୃଶ୍ୟ ଦେଖାଦିଏ। ପାଗ ବଦଳିଲେ ଏଠାରେ ଢେଉ ବି ତା'ର ପରିମାଣ ବଦଳାଏ । ଗୋପାଳପୁରର ପୁରୁଣା ଜେଟି ହେଉଛି ପର୍ଯ୍ୟଟନ ଆକର୍ଷଣ କେନ୍ଦ୍ର। ଯାହା ମଧ୍ୟଯୁଗୀୟ ସମୟରେ ବାଣିଜ୍ୟ ଏବଂ ବାଣିଜ୍ୟ ପାଇଁ ଏକ ପ୍ରମୁଖ ବିନ୍ଦୁ ଥିଲା। ସେହି ସମୟର ନାବିକମାନେ ଏହି ଜେଟିରୁ ଭାରତ ସାଗର ଦେଇ ଇଣ୍ଡୋନେସିଆ ଏବଂ ରଙ୍ଗୁନକୁ ଯାତ୍ରା ଆରମ୍ଭ କରିଥିଲେ। ଗୋପାଳପୁର ଲୋକଙ୍କ ପାଇଁ ଏକ ଚମତ୍କାର ଡ୍ରାଇଭ-ଇନ୍ । ବେଳାଭୂମିରୁ ଗଭୀର ନୀଳ ସମୁଦ୍ର ଏବଂ ଦିଗନ୍ତର ଏକ ବିସ୍ତୃତ ବିସ୍ତାର ଦେଖାଯାଇପାରିବ। ଗୋପାଳପୁର ଏକ ପ୍ରମୁଖ ଲ୍ୟାଣ୍ଡମାର୍କ ହେଉଛି ଏହାର ବତୀଘର। ଉପରୁ ଦୃଶ୍ୟ ଚମତ୍କାର ଏବଂ ସମଗ୍ର ଗୋପାଳପୁର ସହରକୁ ଏକ ନଜରରେ ଦେଖିହେବ। ଗୋପାଳପୁର ପ୍ରତିବର୍ଷ ଆୟୋଜିତ ହେଉଛି 'ବିଚ୍ ଫେଷ୍ଟିଭାଲ' । ସମ୍ପ୍ରତି ଦୁଇବର୍ଷ ହେବ ବନ୍ଦ ରହିଥିଲେ ହେଁ ବୋଇତ ବନ୍ଦାଣ ମହୋତ୍ସବ ଜରିଆରେ ଏଠାକାର ପୂର୍ବ ଗୌରବ ରକ୍ଷା କରିବାକୁ ଉଦ୍ୟମ କରାଯାଉଛି । ରାଜ୍ୟକୁ ଆସୁଥିବା ବିଦେଶୀ ପର୍ଯ୍ୟଟକଙ୍କ ମଧ୍ୟରୁ ଅନେକେ ଗୋପାଳପୁର ଓ ଗଞ୍ଜାମର ବିଭିନ୍ନ ପର୍ଯ୍ୟଟନ ବେଳାଭୂମି ଅଞ୍ଚଳ ଆସିଥାନ୍ତି । ସେ ସମ୍ପର୍କରେ କୌଣସି ସରକାରୀ ତଥ୍ୟ ମିଳି ନଥିଲେ ହେଁ କୋଭିଡ୍ ପରବର୍ତ୍ତୀ କାଳରେ ବିଦେଶୀଙ୍କ ଆଗମନ ବୃଦ୍ଧି ପାଇଥିବା କୁହାଯାଉଛି । ଏହିକ୍ରମରେ ଗୋପାଳପୁରରେ ହୋଟେଲ ଶିଳ୍ପର ବିକାଶ ଢେର ମାତ୍ରାରେ ହୋଇଛି ।

## ଇକୋ ରିଟ୍ରିଟ୍ ଭରା ସୁନାପୁର ବେଳାଭୂମି

ଗଞ୍ଜାମ ଜିଲ୍ଲାର ଅନନ୍ୟ ପର୍ଯ୍ୟଟନସ୍ଥଳୀ ହେଉଛି ଚିକିଟୀ ବ୍ଲକ୍‌ର ସୁନାପୁର ବେଳାଭୂମି । ଇକୋ ରିଟ୍ରିଟ୍ ସେଣ୍ଟର ପାଇଁ ଏହା ସର୍ବଜନବିଦିତ । ପର୍ଯ୍ୟଟନ ଋତୁ ଆସିଲେ ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକଙ୍କ ଏଠାରେ ଭିଡ଼ ଦେଖିବାକୁ ମିଳେ । କେବଳ ଇକୋ ରିଟ୍ରିଟ୍ ନୁହେଁ ବରଂ ବଣଭୋଜି ପାଇଁ ମଧ୍ୟ ଏହା ଏକ ପ୍ରସିଦ୍ଧ ଅଞ୍ଚଳ । ଏଠାକାର ଝାଉଁ ବଣରେ ବର୍ଷା ତମାମ ବଣଭୋଜି ଚାଲିଥାଏ। ପୂର୍ବରୁ ଏଠାକୁ ଯାତାୟାତ କ୍ଷେତ୍ରରେ ବ୍ୟାପକ ସମସ୍ୟା ରହିଥିଲା। ଡଙ୍ଗା ସାହାଯ୍ୟରେ ବାହୁଦା ମୁହାଣ ପାର ହୋଇ ପର୍ଯ୍ୟଟକ ସମୁଦ୍ରକୁ ଯାଉଥିଲେ। ସମ୍ପ୍ରତି ଏହି ସମସ୍ୟା ନାହିଁ ପୂର୍ବ ସରକାର ଅମଳରେ ଏଠାରେ ବ୍ରିଜ୍ ନିର୍ମାଣ ହୋଇଛି। ଫଳରେ ଯାତାୟାତ ସୁଗମ ହୋଇଛି। ସୁରଳ ଛକରୁ ୧୦ କିମି ଭିତରକୁ ଗଲେ ସୁନାପୁର ବେଳାଭୂମି ପଡ଼ିଥାଏ।

ସୂଚନା ପ୍ରକାରେ ପୂର୍ବ ଭାରତରେ ବିଳାସପୂର୍ଣ୍ଣ କ୍ୟାମ୍ପିଂ ଫେଷ୍ଟିଭାଲ୍ କ୍ରମରେ ଓଡ଼ିଶାର ଇକୋ ରିଟ୍ରିଟ୍ ସେଣ୍ଟର ସୁନାପୁର ଅନ୍ୟତମ। ବିସ୍ତୀର୍ଣ୍ଣ ବେଳାଭୂମିରେ ପ୍ରକୃତିର ମଜା ଉଠାଇବା ପାଇଁ ଅସ୍ଥାୟୀ ଭାବରେ ସୁନାପୁର ବେଳାଭୂମିରେ ଇକୋ ରିଟ୍ରିଟ୍ ଆରମ୍ଭ ହେଉଛି। ପ୍ରତ୍ୟେକ ବର୍ଷ ଡିସେମ୍ବର ମାସରେ ଏହା ଆରମ୍ଭ ହୋଇଥାଏ। ଏଠାରେ ପର୍ଯ୍ୟଟକମାନଙ୍କୁ ସ୍ୱାଦିଷ୍ଟ ଖାଦ୍ୟ, ଜଳକ୍ରୀଡ଼ା ଓ ପରିଦର୍ଶନ ଆଦିର ବ୍ୟବସ୍ଥା ରହିଥାଏ । ଇକୋ ରିଟ୍ରିଟ୍ ଜରିଆରେ ଭାରତର



ବିଭିନ୍ନ ସ୍ଥାନର ପର୍ଯ୍ୟଟକଙ୍କୁ ଆକୃଷ୍ଟ ଓ ସମୁଦ୍ର ବେଳାଭୂମି ସମ୍ପର୍କରେ ଅଧିକ ଗବେଷଣା କରିବାକୁ ଉତ୍ସାହିତ କରାଯାଉଛି । ଏହି ସୁନ୍ଦର ପର୍ଯ୍ୟଟନ କ୍ଷେତ୍ରକୁ ସମସ୍ତେ ଆସି ଉପଭୋଗ କରିବାକୁ ଆହ୍ୱାନ ଦିଆଯାଉଛି । ଓଡ଼ିଶା ପର୍ଯ୍ୟଟନ ବିଭାଗ ପକ୍ଷରୁ ଏହି ବେଳାଭୂମିରେ ବ୍ଲୁ ଫ୍ଲାଗ୍ ବିଚ୍ ଓ ବ୍ଲୁସେକ୍ ସ୍ଥାପନ ପାଇଁ ଯୋଜନା ହୋଇଛି । ସୁନାପୁର ବେଳାଭୂମି ଓଡ଼ିଶାର ଅନ୍ୟତମ ସ୍ୱଚ୍ଛ ବେଳାଭୂମି । ଏଠାକାର ବିକାଶ ପାଇଁ ଓଡ଼ିଶା ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି । ପର୍ଯ୍ୟଟକମାନେ ଆସିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି । ସେମାନଙ୍କ ଲାଗି ଏଠାରେ ସମସ୍ତ ସୁବିଧା ମଧ୍ୟ କରାଯାଉଛି । ସୁନାପୁର ବେଳାଭୂମିରେ ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତ ଦୃଶ୍ୟ ଭାରି ନିଆରା ।

## ଆକର୍ଷଣର କେନ୍ଦ୍ର ବିରଳ ଅଲିଭ୍ ରିଡ୍ଲେ

ଗଞ୍ଜାମ ଜିଲ୍ଲାର ପ୍ରତ୍ୟେକ ବେଳାଭୂମିର ସ୍ୱତନ୍ତ୍ରତା ରହିଛି । କେବଳ ପର୍ଯ୍ୟଟକମାନେ ଆସିବା ନେଇ ଗୋପାଳପୁର, ସୁନାପୁର ଭଳି ବେଳାଭୂମି ଜନାଦୃତ ହୋଇଥିବା ବେଳେ ବିଦେଶୀ କଇଁଛଙ୍କ ଲାଗି ମଧ୍ୟ ବଟେଶ୍ୱରଠାରୁ ପ୍ରୟାଗି ବା ଋଷିକୁଲ୍ୟା ମୁହାଣ ବିଶ୍ୱବିଦିତ ହୋଇଛି । ପ୍ରତ୍ୟେକ ବର୍ଷ ଗଞ୍ଜାମର ଏହି ଉପକୂଳକୁ ବିଦେଶରୁ ବିରଳ ଅଲିଭ୍ ରିଡ୍ଲେ କଇଁଛ ଗଣ ଅଣ୍ଡାଦାନ କରିବାକୁ ଆସନ୍ତି । ବର୍ଷର ପ୍ରାୟ ୬ ମାସ ଏମାନଙ୍କୁ ବନବିଭାଗ ପକ୍ଷରୁ ସୁରକ୍ଷା ପ୍ରଦାନ କରାଯାଏ। ଏମାନେ ଜଳରେ ଜଳକ୍ରୀଡ଼ା କରିବା ସହିତ ବେଳାଭୂମି କଡ଼ରେ ଅଣ୍ଡାଦାନ କରି ପ୍ରତ୍ୟାବର୍ତ୍ତନ କରିଥାନ୍ତି । ତପ୍ରେ ଉକ୍ତ ଅଣ୍ଡାରୁ ଶିଶୁ ଅଲିଭ୍ ରିଡ୍‌ଲେ ବାହାରି ସମୁଦ୍ରରେ ପ୍ରବେଶ କରନ୍ତି। ଏହି ସମୟରେ ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକ, ଗବେଷକ ଆଦି ଗଞ୍ଜାମର ଋଷିକୂଲ୍ୟା ମୁହାଣ ମୁହାଁ ହୋଇଥାନ୍ତି ।

ଅପରପକ୍ଷେ ଗଞ୍ଜାମ ଜିଲ୍ଲାରେ ରହିଥିବା ସମସ୍ତ ଶୈବପୀଠ ମଧ୍ୟରୁ ଗଞ୍ଜାମ ବ୍ଲକ୍ ଅନ୍ତର୍ଗତ ପାଳିବନ୍ଧ ପଞ୍ଚାୟତର କଣ୍ଟିଆଗଡ଼ ଗ୍ରାମ ନିକଟରେ ବିଜେ ପ୍ରସିଦ୍ଧ ଶୈବପୀଠ ବଟେଶ୍ୱରରେ ବର୍ଷକୁ ବର୍ଷ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଉଛି । ପ୍ରାକୃତିକ ପରିବେଶ ଝାଉଁ ବଣ ଓ କାଜୁ ଜଙ୍ଗଲ ସାଙ୍ଗକୁ ସମୁଦ୍ର ବେଳାଭୂମିର ମଜା ନେବା ପାଇଁ ପର୍ଯ୍ୟଟକମାନେ ଏଠାକୁ ଆକର୍ଷିତ ହୋଇଆସନ୍ତି । ବିସ୍ତୀର୍ଣ୍ଣ ବେଳାଭୂମିରେ ପରିବାର ସହ ଖୁସି ମଜାଜ କରିବା ଲୋକଙ୍କୁ ଆନନ୍ଦ ପ୍ରଦାନ କରୁଥିବା ବେଳେ ସମୁଦ୍ରର ନୀଳ ଜଳରାଶିରେ ଡଲ୍‌ଫିନ୍‌ମାନଙ୍କ ଜଳ କ୍ରୀଡ଼ା ଦୃଶ୍ୟମାନ ହୁଏ। ଅନ୍ୟପଟେ ବିରଳ ପ୍ରଜାତିର ଅଲିଭ୍ ରିଡ୍‌ଲେଙ୍କ ସାମୂହିକ ଅଣ୍ଡାଦାନ ପ୍ରକ୍ରିୟା ଓ ବେବି ଅଲିଭ୍ ରିଡ୍‌ଲେଙ୍କ ସମୁଦ୍ରକୁ ଗୁରୁଣ୍ଡି ଗୁରୁଣ୍ଡି ହୋଇ ଯିବା ଏହି ଦୃଶ୍ୟ ଉପଭୋଗ କରିବା ପାଇଁ ବେଳାଭୂମିରେ ଭିଡ଼ ଜମେ। ଉକ୍ତ ପରିବେଶରେ ମୟୂରମାନଙ୍କ ବିଚରଣ ପର୍ଯ୍ୟଟକଙ୍କୁ ଆକର୍ଷିତ କରେ । ପୌରାଣିକ କଥା ଅନୁଯାୟୀ ଭଗବାନ ଶ୍ରୀ ରାମଚନ୍ଦ୍ର ବନବାସ ସମୟରେ ଉକ୍ତ ସ୍ଥାନରେ ବାଲୁକା ରାଶିରେ ଶିବ ଲିଙ୍ଗ ପ୍ରତିଷ୍ଠା କରି ବଟ ଫଳ ଅର୍ପଣ କରି ମହାଦେବଙ୍କୁ ଆରାଧନା କରିଥିଲେ । ଯାହାକୁ ନେଇ ଉକ୍ତ ଶୈବପୀଠ ବଟେଶ୍ୱର ଶୈବପୀଠ ନାମରେ ନାମିତ ହୋଇଥିବା ସ୍ଥାନୀୟ ଅଞ୍ଚଳବାସୀଙ୍କ ମୁଖରୁ ଶୁଣାଯାଏ । ପର୍ଯ୍ୟଟକଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଏଠାରେ ଏକ ସୁନ୍ଦର ଉଦ୍ୟାନ, କଲ୍ୟାଣ ମଣ୍ଡପ, ମିଟିଂ ଗୃହ ଆଦି ନିର୍ମାଣ କରାଯାଇଛି । ପୂର୍ବରୁ ବାଲିରେ ପୋତି ହୋଇ ରହିଥିବା ମନ୍ଦିରକୁ ପ୍ରାଚୀନ ମନ୍ଦିରକୁ ସୁନ୍ଦର ଆକର୍ଷଣୀୟ ମନ୍ଦିର ନିର୍ମାଣ କରାଯାଇଛି । ଏଥିଦ୍ୱାରା ପର୍ଯ୍ୟଟକ ମହାଦେବଙ୍କୁ ଦର୍ଶନ କରିବା ସହିତ ବେଳାଭୂମିର ଢେର ସାରା ମଜା ନେଉଛନ୍ତି ।




## ମୃଦୁ ତରଙ୍ଗରେ ଭରା ଆର୍ଯ୍ୟପଲ୍ଲୀ

ଆର୍ଯ୍ୟପଲ୍ଲୀ ବେଳାଭୂମି ଓଡ଼ିଶାର ଅନନ୍ୟ ବେଳାଭୂମି । ଏହା ଗଞ୍ଜାମ ଜିଲ୍ଲା ଛତ୍ରପୁର ବ୍ଲକ୍‌ରେ ଅବସ୍ଥିତ । ଜିଲ୍ଲାର ବଙ୍ଗୋପସାଗର ଉପକୂଳରେ ଏକ ସ୍ୱଚ୍ଛ, ପ୍ରାକୃତିକ ଏବଂ ଶାନ୍ତ ବେଳାଭୂମି । ଏହା ଏହାର ସ୍ୱଚ୍ଛ ନୀଳଜଳ ଏବଂ ମୃଦୁ ତରଙ୍ଗ ପାଇଁ ଜଣାଶୁଣା । ନିଜକୁ ଆରାମ ଦେବାକୁ ପର୍ଯ୍ୟଟକମାନେ ଏଠାକୁ ଛୁଟି ଆସନ୍ତି । ଏପରିକି ଅନେକ ଯୁବକ, ଛାତ୍ର ପ୍ରତ୍ୟହ ପ୍ରାତଃରେ ଏହି ବେଳାଭୂମି ପରିଦର୍ଶନ ଯାଇଥାନ୍ତି । ଏଠାକୁ ଆସିଲେ ଶାନ୍ତି ଅନୁଭବ ହେଉଥିବା କୁହନ୍ତି । ଛତ୍ରପୁରଠାରୁ ଏହା ପ୍ରାୟ ୧୦ କିମି ଦୂରରେ ଅବସ୍ଥିତ ଏହି ବେଳାଭୂମି ଆରାମ ପାଇଁ ଉପଯୁକ୍ତ ସ୍ଥାନ ବୋଲି କୁହାଯାଏ । ଏଠାକାର ପାଗ ଥଣ୍ଡା ହୋଇଥିବା ବେଳେ ପବନ ଏବଂ ନିମ୍ନ ଜୁଆର ସୁଖଦ ଆନନ୍ଦ ପ୍ରଦାନ କରିଥାଏ ।


## ମନ କିଣିନିଏ ମାର୍କଣ୍ଡି

ଗଞ୍ଜାମ ଜିଲ୍ଲାର ଅନ୍ୟତମ ସମୁଦ୍ର କୂଳ ହେଉଛି ମାର୍କଣ୍ଡି। ଏହା ରଙ୍ଗେଇଲୁଣ୍ଡା ବ୍ଲକ୍‌ରେ ଅବସ୍ଥିତ। ବ୍ରହ୍ମପୁର ସହରଠାରୁ ୨୦ କି.ମି. ଏହାର ଦୂରତା । ସମ୍ପ୍ରତି ଏହି ବେଳାଭୂମି ବେଶ୍ ଲୋକଦୃତ ହୋଇଛି। ପ୍ରାକୃତିକ ପରିବେଶ ସହିତ ସମୁଦ୍ର ଓ ନଦୀର ମିଳନ ସ୍ଥଳ ଭଳି ମନେ ହୁଏ। କହିବାକୁ ଗଲେ ମାର୍କଣ୍ଡି ସମୁଦ୍ର କୂଳ ଏକ ନିର୍ଜନ, ଶାନ୍ତ ବେଳାଭୂମି । ଏଠାକାର ସୁନା ସଦୃଶ ବାଲି, ସୁନ୍ଦର ସୂର୍ଯ୍ୟାସ୍ତ ଦୃଶ୍ୟ ପାଇଁ ବେଶ୍ ପ୍ରସିଦ୍ଧ । ପିକ୍‌ନିକ୍ କରିବାକୁ ପ୍ରତ୍ୟେହ ସମୟରେ ଏହି ଅଞ୍ଚଳରେ ପର୍ଯ୍ୟଟକଙ୍କ ଭିଡ଼ ଜମେ । ଏହି ବେଳାଭୂମି ମଧ୍ୟ ବଙ୍ଗୋପସାଗର ଉପକୂଳ ମାର୍କଣ୍ଡି ଗ୍ରାମ ନିକଟରେ ଅବସ୍ଥିତ । ନିକଟରେ ଆଇଜର୍ ମଧ୍ୟ ନିର୍ମାଣ ହୋଇଛି । ପରିଦର୍ଶକମାନେ ଏହାକୁ ସଫା, ନିର୍ମଳ ବେଳାଭୂମି ବୋଲି ଅବିହିତ କରନ୍ତି। ବିଶ୍ରାମ ଏବଂ ପିକନିକ୍ କରିବା ପାଇଁ ଉପଯୁକ୍ତ ସ୍ଥାନ ବୋଲି କୁହନ୍ତି । ଏହା ଅନ୍ୟ ବେଳାଭୂମି ତୁଳନାରେ କମ୍ ଭିଡ଼ ରହିଥାଏ । କିନ୍ତୁ ଅଧିକ ଶାନ୍ତ ଅଭିଜ୍ଞତା ପ୍ରଦାନ କରେ ।



## ଆଧ୍ୟାତ୍ମିକତାର କ୍ଷେତ୍ର ଧବଳେଶ୍ୱର ବେଳାଭୂମି

ଗଞ୍ଜାମ ଜିଲ୍ଲା ରଙ୍ଗେଇଲୁଣ୍ଡା ବ୍ଲକ୍‌ରେ ରହିଛି ଧବଳେଶ୍ୱର ବେଳାଭୂମି। ନିକଟରେ ପ୍ରଭୁ ମହାଦେବ ଧବଳେଶ୍ୱର ବିରାଜିତ ଥିବାରୁ ଏହି ବେଳାଭୂମିକୁ ଧବଳେଶ୍ୱର ବୋଲି କୁହାଯାଏ । ଏହି କ୍ଷେତ୍ରକୁ ଆଧ୍ୟାତ୍ମିକତାର ପ୍ରତୀକ ବୋଲି କୁହାଯାଏ । ନିକଟରେ ମହାଦେବ ପୂଜା ପାଉଥିବା ବେଳେ ଠିକ୍ ସାମ୍ନାରେ ବେଳାଭୂମିର ତରଙ୍ଗ ସମସ୍ତଙ୍କୁ ବେଶ୍ ଆକର୍ଷିତ କରିଥାଏ । ଏହି ବେଳାଭୂମି ଗୋପାଳପୁରକୁ ବେଶ୍ ନିକଟତର । ଏହାର ଶାନ୍ତ ଏବଂ ପ୍ରାକୃତିକ ପରିବେଶ ସମସ୍ତଙ୍କୁ ବେଶ୍ ଆକର୍ଷିତ କରିଥାଏ। ପିକ୍‌ନିକ୍, ଆରାମଦାୟକ ବୁଲିବା, ପକ୍ଷୀ ଦେଖିବା, ପ୍ରାକୃତିକ ଦୃଶ୍ୟ ଏବଂ ସୂର୍ଯ୍ୟାସ୍ତ ଉପଭୋଗ କରିବା ପାଇଁ ଏହି ବେଳାଭୂମି ବେଶ ଲୋକପ୍ରିୟ । ■



# ଜାହାନିଆଁ ବେଳାଭୂମି

ସମୀର କୁମାର କର, ଅସ୍ତରଙ୍ଗ

**ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ୍ ପୀର ଜାହାନିଆଁ ବେଳାଭୂମିର ସୌନ୍ଦର୍ଯ୍ୟ ଅନନ୍ୟ । ଏଠାରେ ସୂର୍ଯ୍ୟୋଦୟର ମନୋରମ ଦୃଶ୍ୟ ପର୍ଯ୍ୟଟକମାନଙ୍କୁ ବେଶ୍ ଆକର୍ଷିତ କରିଥାଏ । ଏହାର ସୌନ୍ଦର୍ଯ୍ୟରେ ଆକର୍ଷିତ ହୋଇ ପ୍ରତିଦିନ ଶହଶହ ପର୍ଯ୍ୟଟକ ଏଠାକୁ ଆସିଥାନ୍ତି । ଗଙ୍ଗା ଦେବୀ ପୀଠରୁ ମଟର ଡଙ୍ଗାରେ ଗଲେ ପଡ଼ିଥାଏ ଦେବୀ ମୁହାଣ । ପର୍ଯ୍ୟଟକମାନେ ଡଙ୍ଗାରେ ବସି ହେନ୍ତାଳ ବଣର ସୌନ୍ଦର୍ଯ୍ୟକୁ ଅତି ନିକଟରୁ ଉପଭୋଗ କରିଥାନ୍ତି । ସକାଳ ଓ ସନ୍ଧ୍ୟା ସମୟରେ ବେଳାଭୂମିର ଅପୂର୍ବ ସୌନ୍ଦର୍ଯ୍ୟ ସମସ୍ତଙ୍କ ମନକୁ ବିଭୋର କରିଥାଏ ।**

ପୁରୀ ଜିଲ୍ଲାର ଅସ୍ତରଙ୍ଗ ଅଞ୍ଚଳର ଦେବୀ ନଦୀ ମୁହାଣଠାରୁ ଜାହାନିଆଁ ଉପକୂଳ ଦେଇ କଳୁଣି ମୁହାଣ ପର୍ଯ୍ୟନ୍ତ ଲମ୍ବିଛି ବିସ୍ତୀର୍ଣ୍ଣ ବେଳାଭୂମି। ବେଳାଭୂମିରେ ବୁଲିଲା ବେଳେ କିଛି ସ୍ଥାନରେ ଡଲଫିନମାନଙ୍କ ଜଳ କ୍ରୀଡ଼ା, ସମୁଦ୍ର ବାଲିରେ କୁନି କୁନି କଙ୍କଡ଼ାଙ୍କ ବିଚରଣ ପର୍ଯ୍ୟଟକଙ୍କ ପାଇଁ ବେଶ୍ ମନମୁଗ୍ଧକର। ଗୋଟେପଟେ ସମୁଦ୍ର ଢେଉର ଗର୍ଜନ ଆଉ ଗୋଟେ ପଟେ ଝାଉଁ ବଣ ପବନର ସୁ ସୁ ଶବ୍ଦ ତା' ଭିତରେ ବେଳାଭୂମିରେ ବୁଲିଲା ବେଳେ କେତେବେଳେ ଯେ ସମୟ ସରିଯାଏ ଜଣା ପଡ଼େନି। ପୁରୀଠାରୁ ୭୦ କିଲୋମିଟର, ଭୁବନେଶ୍ୱରଠାରୁ ୭୫ କିଲୋମିଟର ଦୂରତାରେ ଅବସ୍ଥିତ ପୀର ଜାହାନିଆଁ ବେଳାଭୂମି ପର୍ଯ୍ୟଟନ ସ୍ଥଳୀ। ପର୍ଯ୍ୟଟକମାନେ ପ୍ରଥମେ କାକଟପୁରରେ ମାଆ ମଙ୍ଗଳା ଏବଂ ଉକୁଳେଇ ମାଆଙ୍କ ଦର୍ଶନ କରିବା ପରେ ଏଠାରେ ପହଞ୍ଚିଥାନ୍ତି ।





## ମୁଖ୍ୟ ଆକର୍ଷଣ ବୋଟିଂ ଓ ନାଳି କଙ୍କଡ଼ା

ପୀର ଜାହାନିଆଁ ବେଳାଭୂମିର ସୌନ୍ଦର୍ଯ୍ୟ ସର୍ବଦା ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିଥାଏ। ତେବେ ନିକଟରେ ଥିବା ଗଙ୍ଗା ଦେବୀ ନଦୀ ମୁହାଣରେ ଅସଂଖ୍ୟ ନାଳି କଙ୍କଡ଼ା ବିଚରଣ ପର୍ଯ୍ୟଟକମାନଙ୍କ ମନକୁ ମୁଗ୍ଧ କରେ। ମଲା ମାଛ ତଥା କୀଟ ହିଁ ନାଳି କଙ୍କଡ଼ାଙ୍କ ମୁଖ୍ୟ ଖାଦ୍ୟ । ନାଳି କଙ୍କଡ଼ା ବ୍ୟତୀତ କଇଁଛ, ବିହଙ୍ଗ, ହରିଣ ଆଦି ଜୀବଜନ୍ତୁ ବେଳାଭୂମି ଅଞ୍ଚଳର ସୌନ୍ଦର୍ଯ୍ୟକୁ ବୃଦ୍ଧି କରିଥାନ୍ତି । ପର୍ଯ୍ୟଟକମାନେ ଏଠାରେ ହେନ୍ତାଳ ବଣ କଡ଼ରେ ବୋଟିଂର ମଜା ନେବା ସହିତ ବିଦେଶୀ ପକ୍ଷୀ ଓ ନାଳି କଙ୍କଡ଼ା ଦେଖିବାକୁ ଭୁଲନ୍ତି ନାହିଁ। ଗଙ୍ଗା ଦେବୀ ବୋଟିଂ ସେଣ୍ଟର ପର୍ଯ୍ୟଟକମାନଙ୍କୁ ବୋଟିଂ ସେବା ଯୋଗାଇ ଦେଉଛି । ପୀର ଜାହାନିଆଁ ବେଳାଭୂମିରେ ବୁଲାବୁଲି କରିବା ସହିତ ପର୍ଯ୍ୟଟକମାନେ ବିଭିନ୍ନ ହସ୍ତତନ୍ତ ସାମଗ୍ରୀ କିଣିବାର ସୁଯୋଗକୁ ହାତ ଛଡ଼ା କରନ୍ତି ନାହିଁ। ସେହିପରି ସାମୁଦ୍ରିକ ଖାଦ୍ୟର ମଜା ମଧ ନେଇଥାନ୍ତି ।



## ବିଦେଶାଗତ ପକ୍ଷୀଙ୍କ ସମାଗମ


ହେନ୍ତାଳ ଜଙ୍ଗଲ ପାଇଁ ଗଙ୍ଗା ଦେବୀ ନଦୀ ମୁହାଣ ପ୍ରସିଦ୍ଧି ଲାଭ କରିଛି । ଶୀତ ଦିନରେ ଏହି ମୁହାଣ ସଂଲଗ୍ନ ଅଞ୍ଚଳରେ ବିଦେଶାଗତ ପକ୍ଷୀମାନଙ୍କର ସମାଗମ ହୋଇଥାଏ। ସେମାନଙ୍କ କଳରବ ଏହି ମୁହାଣ ଓ କେଳୁଣି ମୁହାଣ ଅଞ୍ଚଳକୁ ବେଶ୍ ଚଳଚଞ୍ଚଳ କରିଦିଏ। ଦେଶବିଦେଶର ପକ୍ଷୀଙ୍କ ବିଚରଣ ପର୍ଯ୍ୟଟକ ଏବଂ ପରିବେଶବିତ୍‌ଙ୍କ ମନରେ ଆନନ୍ଦ ଲହରୀ ଖେଳାଇ ଦିଏ। ଅନ୍ୟପକ୍ଷେ ଅଧିକ ସଂଖ୍ୟକ ପକ୍ଷୀ ଏଠି ବିଚରଣ କରୁଥିବାରୁ ଜୈବ ବିବିଧତା ପାଇଁ ଶୁଭଙ୍କର ବୋଲି ପରିବେଶ ପ୍ରେମୀମାନେ କହନ୍ତି । ଓଡ଼ିଶାର ଭିତରକନିକା, ଅଂଶୁପା, ହୀରାକୁଦ, ତମ୍ପରା ଓ ସାତକୋଶିଆକୁ ମିଶାଇ ୬ ଗୋଟି ପକ୍ଷୀ ବିହାର ରହିଛି । ଏଠାକୁ ଶହ ଶହ ମାଇଲ ଅତିକ୍ରମ କରି ବିଦେଶରୁ ଓଡ଼ିଶାର ଚିଲିକାକୁ ଆଗମନ କରୁଥିବା ବିଦେଶୀ ପକ୍ଷୀଙ୍କ ପାଇଁ ଓଡ଼ିଶାର ହେନ୍ତାଳ ବଣ ବା ଜୁଆରିଆ ଅରଣ୍ୟରେ ପ୍ରଚୁର ଖାଦ୍ୟ, ବାସ ସ୍ଥାନ ମିଳିଥାଏ । ଏନେଇ ପକ୍ଷୀ ଜୈବ ବିବିଧତା ସଂରକ୍ଷଣ ଦିଗରେ ସ୍ଥାନୀୟ ଅଞ୍ଚଳର ଓଡ଼ିଶା ପର୍ଯ୍ୟାବରଣ ସଂରକ୍ଷଣ ଅଭିଯାନ, ଓଡ଼ିଶା ଲୁଣା ଜଙ୍ଗଲ ସ୍ୱଚ୍ଛତା ଅଭିଯାନ, ସ୍ଥାନୀୟ ବିଭିନ୍ନ ମତ୍ସ୍ୟଜୀବୀ ଗ୍ରାମର ସଚେତନ ମହିଳା, ଲୋକ ପ୍ରତିନିଧିମାନଙ୍କ ଲଗାତାର ପ୍ରୟାସ ଜାରି ରହିଛି । ଯାହା ଫଳରେ ଅସ୍ତରଙ୍ଗ ଅଞ୍ଚଳରେ ପଶୁପକ୍ଷୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି ।

## ବେଳାଭୂମିରେ ବାଲିଯାତ୍ରା

ଓଡ଼ିଶାରେ ବାଲିଯାତ୍ରା ଏକ ପ୍ରମୁଖ ଉତ୍ସବ । ରାଜ୍ୟର ବିଭିନ୍ନ ନଦୀ ମୁହାଣ, ବେଳାଭୂମିରେ ବାଲିଯାତ୍ରାର ଆୟୋଜନ କରାଯାଇଥାଏ। ସେହିପରି ପୀର ଜାହାନିଆଁ ବେଳାଭୂମିରେ ପ୍ରତିବର୍ଷ କାର୍ତ୍ତିକ ପୂର୍ଣ୍ଣିମାରେ ବାଲିଯାତ୍ରା ଅନୁଷ୍ଠିତ ହୋଇଥାଏ। ବୋଇତବନ୍ଦାଣ ଓ କାର୍ତ୍ତିକ ପୂର୍ଣ୍ଣିମା ସମୟରେ ଚଳଚଞ୍ଚଳ ହୋଇଉଠେ ଏହି ବେଳାଭୂମି । ଦୁଇ ଦିନ ଧରି ଏଠାରେ ବାଲିଯାତ୍ରା ମହା ଆଡ଼ମ୍ବର ସହକାରେ ଅନୁଷ୍ଠିତ ହୋଇଥାଏ ।



## ସର୍ବଧର୍ମ ସମନ୍ୱୟର ପୀଠ ପୀର ଜାହାନିଆଁ



ଅସ୍ତରଙ୍ଗ ଅଞ୍ଚଳର ଅଗ୍ରଣୀ ପର୍ଯ୍ୟଟନ ସ୍ଥଳୀ ସର୍ବଧର୍ମ ସମନ୍ୱୟର ପୀଠ ହେଉଛି ପୀର ଜାହାନିଆଁ। ଅସ୍ତରଙ୍ଗ ବ୍ଲକ୍ ଛୁରିଆନା ପଞ୍ଚାୟତରେ ଅବସ୍ଥିତ ଏହି ପବିତ୍ର ପୀଠ। ବେଳାଭୂମି ନିକଟରେ ରହିଛି ହିନ୍ଦୁ-ମୁସଲମାନଙ୍କ ଏହି ସମନ୍ୱୟ ପୀଠ। ଏଠାରେ ପୀର ବାବା ନାମକ ଜଣେ ଫକୀର ରହୁଥିଲେ। ସେ ବିଭିନ୍ନ ଧର୍ମର ଲୋକଙ୍କ ବିଶ୍ୱାସ ଜୟ କରିପାରିଥିଲେ। ଏଠାରେ ଲୋକେ ଯେଉଁ ମାନସିକ କରିଥାନ୍ତି, ତାହା ପୂରଣ ହୋଇଥାଏ ବୋଲି ଲୋକଙ୍କ ବିଶ୍ୱାସ ରହିଛି। ପୀର ବାବାଙ୍କ ଦେହାନ୍ତ ପରେ ଏହି ପୀଠର ଲୋକପ୍ରିୟତା ଧୀରେ ଧୀରେ ବଢ଼ିବାରେ ଲାଗିଲା। ଏହି ପୀଠରେ ପର୍ଯ୍ୟଟକମାନେ ପହଞ୍ଚିବା ପରେ ପୀର ବାବାଙ୍କ ଦର୍ଶନ, ସାଇବାବାଙ୍କ ଦର୍ଶନ କରିବା ସହିତ ମନଲୋଭା ସମୁଦ୍ର କୂଳ ବୁଲିବା ପରେ ବିସ୍ତୀର୍ଣ୍ଣ ଝାଉଁ ବଣରେ ଭୋଜିର ମଜା ନେଇଥାନ୍ତି। ବଣଭୋଜି ସହିତ ସମୁଦ୍ର ସ୍ନାନ ଆନନ୍ଦ ଭରିଦେଇ ଥାଏ। ବିଶେଷ କରି ଶୀତ ଋତୁରେ ବଣଭୋଜି କରିବା ପାଇଁ ଏଠାକୁ ଜିଲ୍ଲା ତଥା ଜିଲ୍ଲା ବାହାରୁ ଅନେକ ଲୋକ ଆସିଥାନ୍ତି। ■







ଓଡ଼ିଶାରେ ଏକାଧିକ ପର୍ଯ୍ୟଟନସ୍ଥଳୀ ଅଛି । ସେଥିରୁ ଅନ୍ୟତମ ପେଣ୍ଠ ବେଳାଭୂମି । କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ୍ ଅନ୍ତର୍ଗତ ପେଣ୍ଠ ବେଳାଭୂମିରେ ପ୍ରତିଦିନ ହଜାର ହଜାର ପର୍ଯ୍ୟଟକ ଭିଡ଼ ଜମାନ୍ତି । ଏହି ସ୍ଥାନଟି ଆକର୍ଷଣର କେନ୍ଦ୍ରବିନ୍ଦୁ । ସେହିପରି ପେଣ୍ଠ ବେଳାଭୂମିରେ ସୂର୍ଯ୍ୟୋଦୟରୁ ସୂର୍ଯ୍ୟାସ୍ତ ଯାଏ ଗହଳି ଲାଗି ରହେ । ଏଠାରେ ଦୀର୍ଘ ୪ ବର୍ଷ ହେବ ଇକୋ-ରିଟ୍ରିଟ୍‌ର ମଧ୍ୟ ଆୟୋଜନ କରାଯାଉଛି । ପର୍ଯ୍ୟଟକମାନେ ଇକୋ ରିଟ୍ରିଟ୍‌ରେ ରାତ୍ରି ଯାପନ କରି ପ୍ରକୃତିକୁ ଅତି ନିକଟରୁ ଦେଖିବା ସହ ସମୁଦ୍ରରେ ବୋଟିଂର ମଜା ନେଇଥାନ୍ତି ।






# ମନମୋହୁଛି ପେଣ୍ଠ

ବିଜୟ କୁମାର ଗୁପ୍ତା, ରାଜନଗର

## ଶୀତ ଋତୁରେ ପ୍ରବଳ ଗହଳି

ସବୁଠାରୁ ବଡ଼ କଥା ଏବେ ଶୀତ ଋତୁ ଆରମ୍ଭ ହୋଇଥିବାରୁ ନଭେମ୍ବରରୁ ଫେବ୍ରୁଆରୀ ମାସ ପର୍ଯ୍ୟନ୍ତ ପେଣ୍ଠ ବେଳାଭୂମିରେ ପ୍ରବଳ ଗହଳି ଲାଗି ରହେ । ଏହାର ସୌନ୍ଦର୍ଯ୍ୟକୁ ଅତି ନିକଟରୁ ପର୍ଯ୍ୟଟକ ମାନେ ଉପଭୋଗ କରିଥାନ୍ତି । ତେବେ ସ୍ଥାୟୀ ସୁରକ୍ଷା ବ୍ୟବସ୍ଥା ନଥିବାରୁ ଏବେ ବି ପେଣ୍ଠ ବେଳାଭୂମି ଓ ସଂଲଗ୍ନ ଜଙ୍ଗଲ ନିକଟରେ ଅସାମାଜିକ ଯୁବକ ବି ଭିଡ଼ ଜମାଉଛନ୍ତି । ଅଧିକାଂଶ ସମୟରେ ଅସମାଜିକଙ୍କ ଦୌରାତ୍ମ୍ୟ ଯୋଗୁଁ ପର୍ଯ୍ୟଟକମାନେ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି । ସରକାର ଏହାକୁ ଦୃଷ୍ଟିରେ ରଖି ପେଣ୍ଠ ବେଳାଭୂମିରେ ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନେବା ଏବଂ ଏହାକୁ ବେଳାଭୂମି ଘୋଷଣା କରିବାକୁ ସାଧାରଣରେ ଦାବି କରାଯାଇଛି ।



## ୬ ପ୍ରକାର ଡଲ୍‌ଫିନ୍

ଚିଲିକା ଓ ପୁରୀରେ ଦୁଇ ପ୍ରକାରର ଡଲ୍‌ଫିନ୍ ଦେଖିବାକୁ ମିଳୁଥିଲା ବେଳେ ଏଠାରେ ୬ ପ୍ରକାରର ଡଲ୍‌ଫିନ୍ ଦେଖାଯାନ୍ତି । ବେଳାଭୂମିର ଗଭୀର ଜଳରେ ଏହି ସବୁ ଡଲଫିନ୍ ନଜର ଆସିଥାନ୍ତି । ଏହି ଦୃଶ୍ୟ ପର୍ଯ୍ୟଟକଙ୍କ ମନକୁ ବିମୋହିତ କରିଥାଏ ।

## ଦେଶବିଦେଶର ପର୍ଯ୍ୟଟକଙ୍କ ଆକର୍ଷଣ

ରାଜନଗରରୁ ପାଖାପାଖି ୨୧ କିଲୋମିଟର ଭିତରକୁ ଗଲାପରେ ପଡ଼ିଥାଏ ପେଣ୍ଠ । ତେବେ ରାଜନଗର ବ୍ଲକ୍ ଭିତରକନିକା ପରେ ପେଣ୍ଠ ବେଳାଭୂମି ପଡ଼ିଥାଏ । ଏହି ବେଳାଭୂମିର ଅନେକ ଆକର୍ଷଣ ରହିଛି । ଆଖପାଖ ଅଞ୍ଚଳ ତଥା ଦେଶ ବିଦେଶର ପର୍ଯ୍ୟଟକଙ୍କୁ ଏହା ଆକୃଷ୍ଟ କରିଥାଏ । ପେଣ୍ଠର ପ୍ରବେଶ ପଥରେ ଶ୍ରୀ ଶ୍ରୀ ବନବିହାରୀଜିଉ ମନ୍ଦିର ଅଛି । ଏଠାକୁ ଆସୁଥିବା ପର୍ଯ୍ୟଟକ ପ୍ରଥମେ ଜଗନ୍ନାଥ ଦର୍ଶନ କରନ୍ତି । ଏହାପରେ ବେଳାଭୂମିର ମଜା ନିଅନ୍ତି । ସେହିପରି ଏହି ବେଳାଭୂମି ସହ ପଥରବନ୍ଧକୁ ପର୍ଯ୍ୟଟକମାନେ ଉପଭୋଗ କରିଥାନ୍ତି । ବେଳାଭୂମିର ଏହି ଦୃଶ୍ୟକୁ ଉପଭୋଗ କରିବା ଲାଗି ଆଖପାଖ ଅଞ୍ଚଳର ଲୋକଙ୍କ ସମେତ ଦୂରଦୂରାନ୍ତରୁ ବି ବହୁତ ଲୋକ ଆସିଥାନ୍ତି । ଏହା ବାଦ୍ ଲୋକଙ୍କ ପାଇଁ ବିଭିନ୍ନ ସୁବିଧା ବି ରହିଛି ।

## ସମୁଦ୍ର ସ୍ନାନ ଓ ବଣଭୋଜିର ମଜା

ପ୍ରତିଦିନ ବୁଲିବାକୁ ଆସୁଥିବା ପର୍ଯ୍ୟଟକମାନେ ପେଣ୍ଠର ନିର୍ଜନ ବେଳାଭୂମିରେ ସମୁଦ୍ର ସ୍ନାନର ମଜା ନେବା ସହ ବଣଭୋଜି କରି ଆତ୍ମତୃପ୍ତିରେ ଫେରନ୍ତି । ଏଠାରେ ଥିବା ଝାଉଁ ଜଙ୍ଗଲ, ଓଡ଼ିଶାର ପ୍ରଥମ ସାମୁଦ୍ରିକ ପ୍ରାଚେରୀ ଜିଓଟ୍ୟୁବ୍ ସି' ୱାଲ, ସମୁଦ୍ରରେ ଡଲ୍‌ଫିନ୍‌ଙ୍କ ଜଳକ୍ରୀଡ଼ା, କଇଁଛଙ୍କ ମିଳନ ପ୍ରକ୍ରିୟା, ଦେଶୀବିଦେଶୀ ପକ୍ଷୀଙ୍କ କାକଳି ପର୍ଯ୍ୟଟକଙ୍କୁ ଭରପୂର ଆନନ୍ଦ ଦେଇଥାଏ । ବେଳାଭୂମିର ଗୋଟିଏ ପଟେ ବରୁଣେଇ ମୁହାଣ ଏବଂ ଅପରପାର୍ଶ୍ୱରେ ଭିତରକନିକା ଜାତୀୟ ଉଦ୍ୟାନ ରହିଛି । ଦୀର୍ଘ ୩ କିମି ବିସ୍ତୀର୍ଣ୍ଣ ବେଳାଭୂମିରେ ନାଲି କଙ୍କଡ଼ାଙ୍କ କୌତୁକିଆ ଖେଳ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ । ବଙ୍ଗୋପସାଗରରେ ବିରଳ ଅଲିଭ୍‌ରିଡ୍‌ଲେ କଇଁଛଙ୍କ ଜଳକ୍ରୀଡ଼ା ଓ ଅଣ୍ଡା ଦେବାର ବିରଳ ଦୃଶ୍ୟ ଏଠାରେ ଦେଖିବାକୁ ମିଳେ ।

## ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦାବି

ବଣଭୋଜି ପାଇଁ ପ୍ରକୃଷ୍ଟ ସ୍ଥାନ ବରୁଣେଇ ମୁହାଣ ଓ ପେଣ୍ଠ ବେଳାଭୂମିକୁ ପ୍ରତିଦିନ ହଜାର ହଜାର ପର୍ଯ୍ୟଟକଙ୍କ ସୁଅ ଛୁଟିଥାଏ । ଏଠାରେ ସରକାରଙ୍କ ପକ୍ଷରୁ କୌଣସି ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି ନାହିଁ । ପୂର୍ବରୁ ଏହି ଜାଗାରୁ ଅସଦାଚରଣ କରାଯାଇଥିବା ଖବର ସାମ୍ନାକୁ ଆସିଥିଲା । ଏଠାକୁ ହଜାର ହଜାର ପର୍ଯ୍ୟଟକ ଛୁଟି ଆସନ୍ତି | ମାତ୍ର ପୁରୀ, ଚନ୍ଦ୍ରଭାଗା, ଗୋପାଳପୁର, ପାରାଦୀପ ବେଳାଭୂମି ପର୍ଯ୍ୟଟନସ୍ଥଳୀ ମାନ୍ୟତା ପାଇଥିଲେ ମଧ୍ୟ ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟ ଥିବା ପେଣ୍ଠ ବେଳାଭୂମି ଏଥିରୁ ବଞ୍ଚିତ ହୋଇଛି । ■










ସାରା ଦେଶରେ ଦ୍ୱିତୀୟ ବୃହତ୍ତମ ବନ୍ଦର ପାରାଦୀପରେ ରହିଛି । ଦେଶ ବିଦେଶରେ ଏହି ବନ୍ଦର ପଣ୍ୟ କାରବାରରେ ସୁନାମ ଅର୍ଜନ କରିଛି । ଯଦିଓ ପାରାଦୀପ ଏକ ପ୍ରମୁଖ ଶିଳ୍ପାଞ୍ଚଳ ଓ ବନ୍ଦର ଭିତ୍ତିକ ସହର, କିନ୍ତୁ ସହରର ଅନ୍ୟତମ ଆକର୍ଷଣ ହେଉଛି ସମୁଦ୍ର ଓ ମହାନଦୀ ମିଳନ ସ୍ଥଳ । ଯାହାକୁ ମୁହଁ ବୋଲି କୁହାଯାଏ । ପାରାଦୀପ ନେହରୁ ବଙ୍ଗଳା ଅଞ୍ଚଳରେ ଥିବା ଏହି ମୁହାଣ ମୁହଁକୁ ବୁଲି ଦେଖିବା ପାଇଁ ପର୍ଯ୍ୟଟକମାନେ ବିଶେଷକରି ଶୀତ ଦିନରେ ଆସନ୍ତି ।

# ଶୀତରେ ଚଳଚଞ୍ଚଳ ମୁହାଣ ମୁହଁ

**ସୁରେନ୍ଦ୍ର କୁମାର ବିଶ୍ୱାଳ**, ପାରାଦୀପ

## ବଣଭୋଜର ଆସର

ମୁହାଣ ମୁହଁରେ ନୂଆବର୍ଷ ଓ ବଡ଼ଦିନରେ ହଜାର ହଜାର ଲୋକଙ୍କ ଭିଡ଼ ଜମେ। ମୁଖ୍ୟତଃ ଆମିଷ ବାରରେ ହଜାର ହଜାର ପର୍ଯ୍ୟଟକ ଭୋଜି କରିବାକୁ ଆସିଥାନ୍ତି । ଏହି ମୁହାଣ ମୁହଁ ନିକଟରେ ଥିବା ମନ୍ମଦ ଉଦ୍ୟାନ ପର୍ଯ୍ୟଟକଙ୍କ ପିକ୍‌ନିକ୍ ପାଇଁ ବେଶ୍ ଭଲ ସ୍ଥାନ। ଝାଉଁ ବଣରେ ପରିପୂର୍ଣ୍ଣ ଏହି ଉଦ୍ୟାନ ମଧ୍ୟରେ ମନୋରଞ୍ଜନ ପାଇଁ ପୌରପାଳିକା ପକ୍ଷରୁ ପିଣ୍ଡି ନିର୍ମାଣ କରାଯାଇଛି । ପର୍ଯ୍ୟଟକମାନେ ମୁହାଣ ମୁହଁ ନିକଟରେ ଥିବା ପଥର ବନ୍ଧ ଉପରେ ଛିଡ଼ା ହୋଇ ମୁହାଣ ମୁହଁ ଓ ସମୁଦ୍ରର ଫଟୋ ଉଠାନ୍ତି । ଶୀତ ଦିନେ ପ୍ରତ୍ୟେକ ଦିନ ୧୦୦ ରୁ ଊର୍ଦ୍ଧ୍ୱ ପିକ୍‌ନିକ୍ ଦଳ ଏହି ପିଣ୍ଡିରେ ଭୋଜି କରନ୍ତି। ତେଣୁ ନେହରୁ ବଙ୍ଗଳା ପର୍ଯ୍ୟଟକଙ୍କ ପାଇଁ ଏକ ଅନୁକୂଳ ବାତାବରଣ ରହିଥିବା ସ୍ଥାନ। ନେହରୁ ବଙ୍ଗଳା ମୁହାଣ ମୁହଁରେ ଥିବା ଏହି ସୁଦୀର୍ଘ ପଥର ବନ୍ଧକୁ ଦେଖିବାକୁ ପର୍ଯ୍ୟଟକଙ୍କ ଭିଡ଼ ଜମେ।

## ୮ କିମିର ସୁଦୀର୍ଘ ବେଳାଭୂମି

ସେହିଭଳି ବନ୍ଦରର ୫ ନମ୍ବର ଗେଟ୍ ପାଖ ହନୁମାନ ମନ୍ଦିର ନିକଟରୁ ଆରମ୍ଭ କରି ଷଣ୍ଢକୁଦ ଦେଇ ଆଇଓସିଏଲ୍ ସାଉଥ ଗେଟ୍ ଡିଙ୍କିଆ ପର୍ଯ୍ୟନ୍ତ ରହିଛି ୮ କିଲୋମିଟର ଲମ୍ବା ସୁଦୀର୍ଘ ବେଳାଭୂମି । ସେଥିମଧ୍ୟରୁ ଲାଇଟ୍ ହାଉସ ସମ୍ମୁଖରେ ଥିବା ସମୁଦ୍ର ବେଳାଭୂମିରେ ପ୍ରତ୍ୟେକ ଦିନ ପର୍ଯ୍ୟଟକଙ୍କ ଭିଡ଼ ଦେଖିବାକୁ ମିଳେ । ପର୍ଯ୍ୟଟକମାନେ ଏହି ସମୁଦ୍ର କୂଳରେ ଲହଡ଼ି ଭାଙ୍ଗିବା ସହିତ ସମୁଦ୍ର ସ୍ନାନର ମଜା ନେଇଥାନ୍ତି । ଏହି ସୁଦୀର୍ଘ ବେଳାଭୂମିର ବିକାଶ ହୋଇ ପାରିଲେ ପାରାଦୀପକୁ ବୁଲି ଆସୁଥିବା ପର୍ଯ୍ୟଟକମାନେ ଅଧିକ ମଜା ନେଇ ପାରନ୍ତେ ବୋଲି କୁହାଯାଉଛି । ବେଳାଭୂମିରେ ସର୍ଫିଂ, ବୋଟିଂ, ପାରାଚ୍ୟୁଟ୍ ରାଇଡିଂ ଭଳି ବ୍ୟବସ୍ଥା କରାଗଲେ ପର୍ଯ୍ୟଟନ ଶିଳ୍ପର ବିକାଶ ହେବା ସହିତ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଆନ୍ତା ।



## ବେଳାଭୂମିରେ କଳିଙ୍ଗ ବାଲିଯାତ୍ରା

ପ୍ରତିବର୍ଷ ପାରାଦୀପ ବେଳାଭୂମିରେ ରାଜ୍ୟର ପ୍ରସିଦ୍ଧ ପାରାଦୀପ କଳିଙ୍ଗ ବାଲିଯାତ୍ରା ମହୋତ୍ସବ ଆୟୋଜିତ ହୋଇ ଆସୁଛି । ବୋଇତ ବନ୍ଦାଣ ଓ ବାଲିଯାତ୍ରା କଳିଙ୍ଗ ଜାତିର ପ୍ରାଚୀନ ଐତିହ୍ୟ ଓ ଗୌରବର ସ୍ମୃତି ବହନ କରେ । ଏହି ସଂସ୍କୃତି ଐତିହ୍ୟକୁ ଉଜ୍ଜୀବିତ କରିବା ପାଇଁ ପାରାଦୀପ ସମୁଦ୍ର କୂଳ ବାଲିଯାତ୍ରା ପଡ଼ିଆରେ ବାଲିଯାତ୍ରା ମହୋତ୍ସବ ଆୟୋଜିତ ହୋଇ ଆସୁଛି। କଳିଙ୍ଗ ବାଲିଯାତ୍ରାରେ ପ୍ରତିବର୍ଷ ଲକ୍ଷାଧିକ ଲୋକଙ୍କ ସମାଗମ ହୋଇଥାଏ ।





## ସର୍ବବୃହତ୍ ମାଛଧରା ବନ୍ଦର

ପାରାଦୀପ ନେହରୁ ବଙ୍ଗଳା ଅଞ୍ଚଳରେ ରହିଛି ମାଛଧରା ବନ୍ଦର। ଏହା ଦେଶର ସର୍ବବୃହତ୍ ମାଛଧରା ବନ୍ଦର ଅଟେ। ଏହି ମାଛଧରା ବନ୍ଦରରେ ୬୦୦ ରୁ ଊର୍ଦ୍ଧ୍ୱ ମାଛଧରା ବୋଟ୍ ସହିତ ୫ ହଜାର ମତ୍ସ୍ୟଜୀବୀ ରହିଛନ୍ତି । ପ୍ରତ୍ୟେକ ଦିନ ମତ୍ସ୍ୟଜୀବୀମାନେ ମାଛ ମାରିବାକୁ ସମୁଦ୍ରକୁ ଯାଇଥାନ୍ତି । ଇଲିସି, ଟାଇଗର ଚିଙ୍ଗୁଡ଼ି, ପାମ୍ଫ୍ଲେଟ, ତେଲିଆ ବୋରେହି, ପାଣିଆଖିଆ ଭଳି ଦାମୀକିଆ ସୁସ୍ୱାଦୁ ମାଛ ସମୁଦ୍ରରୁ ମାରିଥାନ୍ତି। ଏହି ମାଛ ସବୁ ରାଜ୍ୟର ବଡ଼ ବଡ଼ ମାଛ ଗୋଦାମ ବ୍ୟତୀତ ଦେଶ ବିଦେଶକୁ ରପ୍ତାନି କରାଯାଇ ଥାଏ ।



## ୪୦ ମିଟର ଉଚ୍ଚତାର ବତୀଘର

ମେରାଇନ୍ ରୋଡ୍ କଡ଼ରେ ରହିଥିବା ମେରାଇନ୍ ଆକ୍ୱାରିୟମ, ବତୀଘର, ସାଇନ୍ସ ପାର୍କକୁ ବୁଲି ଦେଖିବାକୁ ପର୍ଯ୍ୟଟକଙ୍କ ଆଗ୍ରହ ଦେଖାଦିଏ । ମେରାଇନ୍ ଆକ୍ୱାରିୟମ୍‌ରେ ବିଭିନ୍ନ ପ୍ରଜାତିର ସାମୁଦ୍ରିକ ମାଛକୁ ସଂଗ୍ରହ କରି ରଖାଯାଇଛି । ଯାହାକୁ ପର୍ଯ୍ୟଟକମାନେ ଦେଖି ବହୁତ ଖୁସି ଅନୁଭବ କରିଥାନ୍ତି। ମେରାଇନ୍ ଆକ୍ୱାରିୟମ୍ ନିକଟରେ ରହିଛି ବତୀଘର ବା ଲାଇଟ୍ ହାଉସ୍। ଏହି ବତୀଘର ସାମୁଦ୍ରିକ ନାଭିଗେସନ୍ କ୍ଷେତ୍ରରେ କାମ କରେ। ବତୀଘର ଉପରେ ଚଢ଼ି ସମୁଦ୍ରର ଦୃଶ୍ୟ ଉପଭୋଗ କରିବାର ସୁଯୋଗ ପର୍ଯ୍ୟଟକଙ୍କୁ ମିଳିଥାଏ । ଏଥିରେ ୧୬୮ ଟି ପାହାଚ ରହିଛି । ଏହାର ଉଚ୍ଚତା ୪୦ ମିଟର । ଏଥିରେ ଯେଉଁ ଲାଇଟ୍ ଜଳିଥାଏ, ତାକୁ ଦେଖି ନାବିକମାନେ ଜାଗା ସମ୍ପର୍କରେ ଅବଗତ ହୋଇଥାନ୍ତି । ସେହିପରି ପାରାଦୀପରେ ରହିଛି ଏକମାତ୍ର ଗଲ୍ଫ ଫିଲଡ୍ । ପର୍ଯ୍ୟଟକମାନେ ଗଲ୍ଫ ଫିଲଡର୍ ସୌନ୍ଦର୍ଯ୍ୟକୁ ଉପଭୋଗ କରି ଆନନ୍ଦ ଉଠାଇ ଥାନ୍ତି ।





# ଶିଆଳିର ଚମକ

ସୌମ୍ୟରଞ୍ଜନ ମହାନ୍ତି, ଏରସମା

ଜଗତସିଂହପୁର ଜିଲ୍ଲାର ଗର୍ବ ଓ ଗୌରବ ଏରସମାର ଶିଆଳି ବେଳାଭୂମି । ଏରସମା ବ୍ଲକ୍ ପଦ୍ମପୁର ପଞ୍ଚାୟତର ସମୁଦ୍ରକୂଳ ତଟବବର୍ତ୍ତୀ ଶିଆଳି ବେଳାଭୂମି ଖୁବ୍ କମ୍ ଦିନ ଭିତରେ ପ୍ରସିଦ୍ଧି ଲାଭ କରିଥିଲା । ପ୍ରତିବର୍ଷ ନଭେମ୍ବରରୁ ଫେବୃଆରୀ ମାସ ପର୍ଯ୍ୟନ୍ତ ଏଠାରେ ପର୍ଯ୍ୟଟକଙ୍କ ଭିଡ଼ ଜମିଥାଏ । ଏହି ବେଳାଭୂମିର ମନୋରମ ଦୃଶ୍ୟ ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିଥାଏ । ଝାଉଁ ଜଙ୍ଗଲ ସହିତ ସମୁଦ୍ରର ଢେଉ ମନ ଭିତରେ ଆନନ୍ଦ ଖେଳାଇ ଦେଇଥାଏ । ସେହିପରି ୱାଚ୍ ଟାୱାର ଉପରେ ଛିଡ଼ା ହୋଇ ପର୍ଯ୍ୟଟକମାନେ ସମୁଦ୍ରର ମନଲୋଭ ଦୃଶ୍ୟ ଦେଖିବାର ମଜା ନେଇଥାଆନ୍ତି । କିନ୍ତୁ ଦୁଃଖର ବିଷୟ ଶିଆଳିର ପରିଚୟ ପାଲଟିଥିବା ୱାଚ୍ ଟାୱାର ଆଜି ଆଉ ନାହିଁ ।

## ମନୋରମ ଶିଆଳି ବେଳାଭୂମି

୧୯୯୯ ମସିହା ମହାବାତ୍ୟା ଏରସମା ପାଇଁ ଏକ ଶୋକାକୁଳ ପରିବେଶ ସୃଷ୍ଟି କରିଥିଲା । ସେତେବେଳେ ଏଠାରେ ଏକ ମୁହାଣ ମୁହଁ ସୃଷ୍ଟି ହୋଇଥିଲା । ଯାହା ବର୍ତ୍ତମାନ ଶିଆଳି ବେଳାଭୂମି ଭାବେ ପରିଚିତ । ୨୦୦୨ ମସିହାରେ ତତ୍କାଳୀନ ଏରସମା ବିଡ଼ିଓ ବାମଦେବ ବେଉରା ଏବଂ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଡାକ୍ତର ଦାମୋଦର ରାଉତଙ୍କ ଉଦ୍ୟମରେ ଏହି ମୁହାଣକୁ ବାଲିରେ ପୋତି ଦିଆଯାଇଥିଲା । ଫଳରେ ସେଠାରେ ସୃଷ୍ଟି ହୋଇଥିଲା ଏକ ସୁଦୃଢ଼ ବେଳାଭୂମି । ପରବର୍ତ୍ତୀ ସମୟରେ ୨୦୦୭ ମସିହାରେ ଏଠାରେ ଏକ ୱାଚ୍ ଟାୱାର ନିର୍ମାଣ କରାଯାଇଥିଲା । ୨୦୦୯ ମସିହାରେ ଓଡ଼ିଶାର ତତ୍କାଳୀନ ରାଜ୍ୟପାଳ ଶିଆଳି ବେଳାଭୂମି ନିମନ୍ତେ ଭିତ୍ତି ପ୍ରସ୍ତରର ଶୁଭ ଦେଇଥିଲେ । ପରେ ଏହି କାର୍ଯ୍ୟ ଶେଷ କରାଯାଇଥିଲା । ୨୦୧୬ ମସିହାରେ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଶିଆଳି ବେଳାଭୂମିକୁ ସ୍ୱୀକୃତି ପ୍ରଦାନ କରାଯାଇଥିଲା । ଧୀରେ ଧୀରେ ଏହି ବେଳାଭୂମିରେ ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ିବାରେ ଲାଗିଲା । ପ୍ରତିବର୍ଷ ନଭେମ୍ବର ମାସଠାରୁ ପିକନିକ୍ ପାଇଁ ଏଠାକୁ ବିଭିନ୍ନ ଅଞ୍ଚଳରୁ ପର୍ଯ୍ୟଟକ ଆସିଥାନ୍ତି । ଆଉ ଭୋଜି କରିବା ସହିତ ସମୁଦ୍ର ବେଳାଭୂମିର ସୌନ୍ଦର୍ଯ୍ୟକୁ ଉପଭୋଗ କରିଥାନ୍ତି । ଏହି ବେଳାଭୂମି ହାୱାଖାନାଠାରୁ ରାମତରା ପର୍ଯ୍ୟନ୍ତ ଦୀର୍ଘ ୩ କିମି ପର୍ଯ୍ୟନ୍ତ ବ୍ୟାପି ରହିଛି । ସମୁଦ୍ର କୂଳେ କୂଳେ ପଥର ପନ୍ଧ ନିର୍ମାଣ କରାଯିବା ସହିତ ହେନ୍ତାଳ ବଣ ସୃଷ୍ଟି କରାଗଲେ ସମୁଦ୍ର ଜୁଆରକୁ ଅଟକାଇ ଯାଇ ପାରନ୍ତା । ଏହା ସହିତ ଜଙ୍ଗଲ ବିଭାଗ ପକ୍ଷରୁ ଗଛ ଲଗାଯାଇ ସୁସ୍ଥ ପରିବେଶ ସୃଷ୍ଟି କରାଯାଇପାରନ୍ତା ବୋଲି ପରିବେଶବିତମାନେ ମତ ଦିଅନ୍ତି । ବେଳାଭୂମିର ଦକ୍ଷିଣରେ ଝାଡୁଆ ଜଗନ୍ନାଥ ମନ୍ଦିର ଓ ହାୱାଖାନା ଅବସ୍ଥିତ ରହିଛି । ଫଳରେ ବେଳାଭୂମିର ସୌନ୍ଦର୍ଯ୍ୟରେ ମୁଗ୍ଧ ହେବା ସହିତ ଲୋକମାନେ ମନ୍ଦିର ଦର୍ଶନ ମଧ୍ୟ କରିଥାନ୍ତି ।

## ବଣଭୋଜି ପାଇଁ ଭିଡ଼

ପୂର୍ବରୁ ଶିଆଳି ବେଳାଭୂମିର ଗୋଟିଏପଟେ ବଙ୍ଗୋପ ସାଗରର ନୀଳ ଜଳ ରାଶି, ଅନ୍ୟପକ୍ଷେ ସବୁଜ ଝାଉଁ ବଣରେ ପରିପୂର୍ଣ୍ଣ ହୋଇରହିଥିଲା । ଶୀତ ଋତୁରେ ବେଳାଭୂମିର ବାଲୁକା ରାଶି ବଣଭୋଜି ସ୍ଥଳରେ ପ୍ରବଳ ଭିଡ଼ ଜମୁଥିଲା । ମାତ୍ର କିଛି ବର୍ଷ ହେଲା ଲୁଣା ଜୁଆର ମାଡ଼ରେ ଝାଉଁ ବଣ ନଷ୍ଟ ହେବାରେ ଲାଗିଛି । ସେହିପରି ଚୋରା କାଠ ବ୍ୟବସାୟୀମାନେ ଗଛ କାଟି ନେଉଯାଉଛନ୍ତି । ଫଳରେ ଜଙ୍ଗଲ ପଦାରେ ହେବାରେ ଲାଗିଛି । ତେଣୁ ବଣଭୋଜି କରିବା ପାଇଁ ଅସୁବିଧା ସୃଷ୍ଟି ହେଉଛି । ତଥାପି ଆପଖାଖ ଅଞ୍ଚଳର ଲୋକେ ଶୀତ ଋତୁରେ ବଣଭୋଜି କରିବା ପାଇଁ ଏଠାରେ ଭିଡ଼ ଜମାନ୍ତି ।

## ଅବ୍ୟବସ୍ଥା ଘେରରେ ଶିଆଳି

ଶିଆଳିକୁ ଯିବା ପାଇଁ ଦୁଇଟି ରାସ୍ତା ଅଛି । ନଗରୀ ଦେଇ ଶିଆଳିକୁ ଓ ଅନ୍ୟପଟେ ଗୋଡ଼ା ଦେଇ ଶିଆଳିକୁ ଯାଇ ପାରିବେ । ମାତ୍ର ଦୁଇଟି ରାସ୍ତା ବିପଦ ଅବସ୍ଥାରେ ରହିଛି । ଶିଆଳି ବେଳାଭୂମିରେ ସମୁଦ୍ରକୂଳରେ ଏକ ୱାଚ୍ ଟାୱାର ନିର୍ମାଣ କରାଯାଇଥିଲା । ଏହି ଟାୱାର ଉପରେ ଛିଡ଼ା ହୋଇ ସମୁଦ୍ରର ସୌନ୍ଦର୍ଯ୍ୟକୁ ପର୍ଯ୍ୟଟକମାନେ ଉପଭୋଗ କରିଥାନ୍ତି । ତେବେ ଅନେକ ଦିନ ହେଲା ଟାୱାର ଭାଙ୍ଗି ଯାଇଛି । ପର୍ଯ୍ୟଟନ ବିଭାଗ ପକ୍ଷରୁ ଏହି ୱାଚ୍ ଟାୱାରକୁ ତୁରନ୍ତ ମରାମତି କରିବା ପାଇଁ ସ୍ଥାନୀୟ ବୁଦ୍ଧିଜୀବୀମାନେ ଦାବି କରି ଆସୁଛନ୍ତି । ଦିନକୁ ଦିନ ସମୁଦ୍ର ମାଡ଼ି ଆସିବାରୁ ଶିଆଳି ବେଳାଭୂମି କ୍ଷୟ ହେବାକୁ ବସିଲାଣି । ଏହାର ବିକାଶ ପାଇଁ ପ୍ରଶାସନ ତରଫରୁ କୌଣସି ବ୍ୟବସ୍ଥା କରାଯାଉନାହିଁ । ସେହିପରି ପର୍ଯ୍ୟଟକମାନଙ୍କ ରହିବା ପାଇଁ ପାନ୍ଥଶାଳା ରହିଛି । ହେଲେ ତାହା ବ୍ୟବହାର କରାଯାଉନାହିଁ । ଫଳରେ ଏଠାକୁ ପିକ୍‌ନିକ୍ କରିବାକୁ ଆସି ପର୍ଯ୍ୟଟକମାନେ ବିଭିନ୍ନ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି । ଶିଆଳି ବେଳାଭୂମିର ବିକାଶ ପାଇଁ ପର୍ଯ୍ୟଟନ ବିଭାଗ ତରଫରୁ କୌଣସି ପଦକ୍ଷେପ ନିଆଯାଉ ନଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି । ■





# ନୀତି ଅନୀତି ରାଜନୀତି

ଶ୍ରୀବିଦୁର



## ସ୍ୱପ୍ନର ସୌଦାଗର

ଦି' ବର୍ଷ ତଳେ ତତ୍କାଳୀନ ରାଇଜ ମୁଖିଆ ଶଙ୍ଖପତି ନବୀନ କରିଥିଲେ ଓଡ଼ିଶାରେ ମେଟ୍ରୋ ରେଳ ଚଳାଇବା ଯୋଜନା। ୨୦୨୪ ଇଂରାଜୀ ନୂଆବର୍ଷର ପ୍ରଥମ ଦିନରେ ଦ୍ୱୈତନଗରୀ ଭୁବନେଶ୍ୱର-କଟକରେ ମେଟ୍ରୋ ପାଇଁ ନିଅଁ ବି ପଡ଼ିଥିଲା । ତିନି ବର୍ଷ ମଧ୍ୟରେ କାର୍ଯ୍ୟ ସାରିବା ଲକ୍ଷ୍ୟରେ ଏଥିପାଇଁ ଛଅ ହଜାର କୋଟି ଟଙ୍କା ଅଟକଳ କରାଯାଇ ପ୍ରଥମ ବର୍ଷ ହଜାରେ କୋଟି ଟଙ୍କା ବରାଦ ହେଲା । ରାଜ୍ୟର ନିଜସ୍ୱ ପାଣ୍ଠିରେ ପ୍ରସ୍ତାବିତ ଏହି ପ୍ରକଳ୍ପ ପାଇଁ କାମ ବି ଆରମ୍ଭ ହେଲା । ମାତ୍ର ପଦ୍ମ ପାର୍ଟି ବା ଏହାର ସହଯୋଗୀ ରାଜନୈତିକ ଦଳ ଥିବା ରାଜ୍ୟରେ ମେଟ୍ରୋ ଚଳାଇବା ପାଇଁ ଯୋଜନା ହେଉଥିବାବେଳେ ଓଡ଼ିଶାରେ ଡବଲ ଇଞ୍ଜିନ୍ ସରକାର ଆସିବା ପରେ ମେଟ୍ରୋ ରେଳରେ ପଡ଼ିଛି ପୂର୍ଣ୍ଣଚ୍ଛେଦ । ପ୍ରଥମେ ନଗର ଉନ୍ନୟନ ବିଭାଗ ମୁଖିଆ ମହାପାତ୍ରେ ମେଟ୍ରୋ ପ୍ରକଳ୍ପକୁ ମୁହଁ ମୋଡ଼ିଲେ। ପୂର୍ତ୍ତ ବିଭାଗ ମୁଖିଆ ହରିଚନ୍ଦନ ଆଜ୍ଞା ବି କାହିଁକି ପଛରେ ପଡ଼ିବେ ? ସେ ବି ବୁଲେଇ ବଙ୍କେଇ ପ୍ରକଳ୍ପକୁ ନାଲି ପତାକା ଦେଖାଇ ଦେଲେ । ଯାହା ସବୁ ଯନ୍ତ୍ରପାତି, ଆନୁଷଙ୍ଗିକ ସାମଗ୍ରୀ ଓଡ଼ିଶାକୁ ଅଣା ଯାଇଥିଲା; ତାହାକୁ ଧରି କମ୍ପାନୀ ଆନ୍ଧ୍ରରେ ମେଟ୍ରୋ କାମ ପାଇଁ ବାହାରିଗଲା । ଏବେ ସାରା ରାଜଧାନୀରେ ଉଡ଼ନ୍ତା ସେତୁରେ ଗାଡ଼ି ଚାଲିବ ବୋଲି ହରିଚନ୍ଦନ ଆଜ୍ଞା କହିଲେଣି । ସହର ଭିତର ଗାଡ଼ି ତଳେ ତଳେ ଯିବ, ଆଉ ସହର ବାହାରକୁ ଯିବା ଗାଡ଼ି ସବୁ ଉପରେ ଉପରେ ଚାଲିବ । ରାଜଧାନୀ ଭୁବନେଶ୍ୱର ଚୀନର ବେଜିଂ ସହର ପାଲଟିଯିବ । ପୂର୍ତ୍ତ ବିଭାଗ ମୁଖିଆ ହରିଚନ୍ଦନ ଆଜ୍ଞାଙ୍କ କଥା ଶୁଣି ରାଜଧାନୀବାସୀ ମୁହଁରେ ରୁମାଲ ଦେଇ ଏବେ ହସୁଛନ୍ତି । ଦେଢ଼ ବର୍ଷ ହେଲା ସରକାର ଆସିଲାଣି, ବଜେଟ୍ ବରାଦ ଖର୍ଚ୍ଚ ହୋଇ ପାରୁନାହିଁ । ରାଜଧାନୀର ଆଭ୍ୟନ୍ତରୀଣ ସଡ଼କ କଥା ନ କହିଲେ ଭଲ; ହେଲେ ସ୍ୱପ୍ନ ସୌଦାଗରଙ୍କୁ କହିବ କିଏ ? ■



## ପାତ୍ରେଙ୍କୁ ପତାକା ଡର

ପଦ୍ମ ଡାକ୍ତର ପାତ୍ରବାବୁଙ୍କୁ କିଏ ନ ଜାଣେ? ଜାତୀୟ ଗଣମାଧ୍ୟମରେ ନିଜର ପ୍ରଖର ଯୁକ୍ତି ପାଇଁ ସ୍ୱନାମଧନ୍ୟ (!) ପାତ୍ରବାବୁ ସାରା ଦେଶରେ ନିଜର ଏକ ଛାପ ସୃଷ୍ଟି କରିବାରେ ସମର୍ଥ ହୋଇଛନ୍ତି । ଗଲା ନିର୍ବାଚନ ପ୍ରଚାର ସମୟରେ ସେ ରାଜ୍ୟରେ ତାଙ୍କ ଦଳ ସରକାର ଗଢ଼ିଲେ ବନ୍ଦ ପଡ଼ିଥିବା ଚିନିକଳକୁ ୧୦୦ ଦିନରେ ଖୋଲିବାକୁ ରାମମନ୍ଦିର ସାମ୍ନାରେ ଶପଥ ବି ନେଇଥିଲେ । ସଂସଦକୁ ନିର୍ବାଚିତ ହେବା ପରେ କରିଥିବା ଶପଥକୁ ସେ ମନେ ରଖିଛନ୍ତି କି ଭୂଲି ଯାଇଛନ୍ତି; ତାହା ନୟାଗଡ଼ବାସୀ କହିପାରିବେ । ମାତ୍ର ଗଲା କେଇମାସ ହେଲା ନୟାଗଡ଼ ଓ ପୁରୀ ଜିଲ୍ଲାରେ ତାଙ୍କୁ ବା ତାଙ୍କ ଗାଡ଼ିକୁ ଦେଖିଲେ ସାଧାରଣ ଲୋକମାନେ ମାରଣା ଷଣ୍ଢ ପରି ଫଁ ଫଁ ହେଉଥିବା ଦେଖିବାକୁ ମିଳୁଛି । ସେଥିପାଇଁ ପାତ୍ରବାବୁ ଆଜିକାଲି କୁଆଡ଼େ କାହାରିକୁ ବିଶ୍ୱାସ କରିପାରୁ ନାହାନ୍ତି । ବେଳେବେଳେ ନିଜ ଛାଇକୁ ଦେଖିଲେ ବି ତାଙ୍କୁ କୁଆଡ଼େ ଡ଼ର ଲାଗୁଛି । ତେଣୁ ପଁ ପେଁ କରି ଆଗରେ ପୁଲିସ ଏସକର୍ଟ ଗାଡ଼ି ନ ଗଲେ ପାତ୍ରବାବୁ ଓଡ଼ିଶାରେ କୁଆଡ଼େ ବାହାରୁ ନାହାନ୍ତି ବୋଲି କେହି କେହି କହୁଥିଲେ ବି ସାଂସଦଙ୍କୁ ଏସକର୍ଟ ଦିଆଯିବାର ବ୍ୟବସ୍ଥା ନ ଥିବାରୁ ଏପରି କଥାକୁ ଗାଲୁ ଗପ ବୋଲି ମଣୁଥିଲୁ । ମାତ୍ର ରାଜଧାନୀରେ ଏପରି ଦୃଶ୍ୟ ଦେଖିବା ପରେ ପାତ୍ର ଆଜ୍ଞାଙ୍କ ବିରୋଧରେ ହେଉଥିବା ଚର୍ଚ୍ଚାକୁ ମିଛ କହିବାକୁ ଜିଭ ଲେଉଟୁ ନାହିଁ । ତେବେ ରାଜଧାନୀରେ କେଉଁ ଭୟ ପାଇଁ ପାତ୍ର ଆଜ୍ଞାଙ୍କୁ ସରକାର ସାଇରନ ବାଲା ପୁଲିସ ଏସକର୍ଟ ଯୋଗାଉଛନ୍ତି ତାହା ବି ଆମେ ବୁଝି ପାରୁନାହୁଁ । ପଦ୍ମ ଦଳର ଜଣେ ବଡ଼ ନେତାଙ୍କୁ ଏହାର କାରଣ ପୁଛନ୍ତେ; 'ପତାକା ଡର' ବୋଲି ଯେଉଁ ଦୁଇ ଶବ୍ଦ ବିଶିଷ୍ଟ ଉତ୍ତର ପାଇଲୁ, ତାହା ଆମ ମଗଜରେ ପଶୁନାହିଁ। ପାତ୍ରେ ଆଜ୍ଞା କେଉଁ ପତାକାକୁ ଡ଼ରୁଛନ୍ତି ? ନାଲି ନା କଳା ? ■



## ଭାଓ ସାହେବଙ୍କ ଭାଉ

କଟକ ଜିଲ୍ଲା ମୁଖିଆ ବାବୁ ଦତ୍ତାତ୍ରେୟ ଭାଉସାହେବ ସିନ୍ଧେ ଭାରି ଚିକ୍କଣଚାକଣ ମଣିଷ । ତାଙ୍କ ସଂସ୍ପର୍ଶରେ ଆସିଥିବା ଲୋକମାନେ ଭାଓ ସାହେବଙ୍କୁ ଭଲ ମଣିଷ ବୋଲି କହୁଥିବା ବି ଆମେ ବି ଶୁଣିଥିଲୁ । ଜିଲ୍ଲାପାଳ ମହାଶୟ ଇତିହାସର ଛାତ୍ର ଓ ପୁନେ ବିଶ୍ୱବିଦ୍ୟାଳୟରୁ ସ୍ନାତକ ଡ଼ିଗ୍ରୀ ହାସଲ କରିଥିବାରୁ ଓଡ଼ିଶାର ନୌବାଣିଜ୍ୟ ଇତିହାସ ଓ ବାଲିଯାତ୍ରା ପରମ୍ପରା ସମ୍ପର୍କରେ ଭଲ ଭାବରେ ଅବଗତ ଥିବେ ବୋଲି ବି ଭାବିଥିଲୁ । ମାତ୍ର ଏସନ କଟକର ଐତିହାସିକ ବାଲିଯାତ୍ରାରେ ଯାହା ସବୁ ଘଟଣା ଘଟିଲା, ତାହା ତାଙ୍କ ସୁନାମକୁ ମାଟିରେ ମିଶାଇ ଦେବା ପରି ହୋଇଛି । ଉପର ପଡ଼ିଆରେ ବାଲିଯାତ୍ରା ଆୟୋଜନ ବିବାଦ ସାଙ୍ଗକୁ ସ୍ଥାନୀୟ ସାଂସଦଙ୍କ ପ୍ରତି ତାଙ୍କର ବକ୍ରୋକ୍ତି, ବାଲିଯାତ୍ରା ପଡ଼ିଆରେ ଯାବତୀୟ ଅବ୍ୟବସ୍ଥା, ଛୋଟଛୋଟ ଠେଲା ଲଗାଇଥିବା ଗରିବ ଦୋକାନୀଙ୍କ ଉପରେ ଦାଉ, ବିଜୁଳି ଓ ଭିଡ଼ ପରିଚାଳନା ବିଭ୍ରାଟ, ଦୋଳି ଅଘଟଣକୁ ନେଇ ଲୋକେ ପ୍ରଶାସନକୁ କରୁଥିବା ସମାଲୋଚନା ସବୁ ଭାଓ ସାହେବଙ୍କ ଚାରିପଟେ ଚକ୍ରବାତ ପରି ଘୂରି ବୁଲୁଛି । ତେବେ ଏହି ସବୁ ଘଟଣା ଭିତରେ ବାଲିଯାତ୍ରା ମଞ୍ଚରେ ରାଜ୍ୟପାଳଙ୍କ ଉପସ୍ଥିତି ସତ୍ତ୍ୱେ ଭାଉ ସାହେବଙ୍କ ଶାରୀରିକ ଭାଷାକୁ ଦଳମତ ନିର୍ବିଶେଷରେ ଅନେକ ନିନ୍ଦା କରୁଛନ୍ତି । ଓଡ଼ିଶାର ଲୋକଙ୍କର ଧୈର୍ଯ୍ୟ ଅସୀମ ଓ ସେମାନେ ସହଜରେ ପ୍ରତିକ୍ରିୟାଶୀଳ ହୁଅନ୍ତି ନାହିଁ । ମାତ୍ର ଗଲା କେଇମାସ ମଧ୍ୟରେ ଯାହା ସବୁ ଘଟଣା ଘଟି ଚାଲିଛି, ତାହା କୁଆଡ଼େ ଆଉ ସହିବା ସମ୍ଭବ ନୁହେଁ ବୋଲି ଅନେକ ମୁହଁ ଖୋଲିଲେଣି । ଭସାଣି ଅବ୍ୟବସ୍ଥା, ସାମ୍ପ୍ରଦାୟିକ ଉତ୍ତେଜନା ଓ ପରେ ବାଲିଯାତ୍ରାରେ ଯାବତୀୟ ବିଭ୍ରାଟ କଟକିଆଙ୍କର ସବୁ ଧୈର୍ଯ୍ୟକୁ ଭାଙ୍ଗି ସାରିଲାଣି । ଭାଓ ସାହେବ ଏ କଥା ଟିକେ ହେଜନ୍ତୁ... । ■



## ପ୍ରଧାନଙ୍କ ବ୍ରହ୍ମ ଅଭିଶାପ

ତାଳଚେର ଶଙ୍ଖର ଛାମୁଆଁ ସିପାହୀ ବ୍ରଜ ପ୍ରଧାନ ଜଣେ ଲଢ଼ୁଆ ନେତା । ଶଙ୍ଖ ସଙ୍ଗଠନ ସହ ବାବୁଙ୍କ ନିଜସ୍ୱ ଅନୁଗତ ବାହିନୀ ପ୍ରତିପକ୍ଷ ରାଜନେତାଙ୍କୁ ଯେ କୌଣସି ଯୁଦ୍ଧରେ ପାଣି ପିଆଇବାକୁ ସମର୍ଥ । ସବୁବେଳେ ସେ ସାଧାରଣ ଲୋକଙ୍କ ସାଙ୍ଗରେ ଠିଆ ହୁଅନ୍ତି । ଖାସ୍ ସେଇଥି ଲାଗି ଗଲା ୪ଟି ନିର୍ବାଚନରେ ଲୋକମାନେ ତାଙ୍କ ଉପରେ ଆଶୀର୍ବାଦ ଢ଼ାଳି ଚାଲିଛନ୍ତି । ସାଧାରଣତଃ ନେତା ପୁରୁଣା ହେଲେ ଭୋଟ ହାର କମେ; ମାତ୍ର ରାଜନୀତିରେ ବ୍ରଜଙ୍କ ବୟସ ସହ ପ୍ରତି ନିର୍ବାଚନରେ ତାଙ୍କ ବିଜୟ ବ୍ୟବଧାନ ଯେପରି ବଢ଼ିବଢ଼ି ଚାଲିଛି, ତାହା ତାଙ୍କ ଲୋକପ୍ରିୟତାର ଚାକ୍ଷୁଣ ପ୍ରମାଣ ବୋଲି କେହିକେହି କହୁଛନ୍ତି । ପ୍ରତ୍ୟକ୍ଷ ଲଢ଼େଇରେ ମୁକାବିଲା କରିବା ସମ୍ଭବ ନ ହେବାରୁ ବିରୋଧୀ ଏବେ ବ୍ରଜଙ୍କ ଭୋଟବ୍ୟାଙ୍କକୁ ଭାଙ୍ଗିବାକୁ କୁଆଡ଼େ ଅଣ୍ଟା ଭିଡ଼ିଛନ୍ତି । ଗଲା ନିର୍ବାଚନରେ ଯେଉଁମାନେ ଶଙ୍ଖ ଦଳକୁ ଭୋଟ ଦେଇଥିଲେ, ସେମାନଙ୍କୁ ବେଦଖଲ କରିବାକୁ ଷଡ଼ଯନ୍ତ୍ରର ପଶାପାଲିରେ ସିପାହୀ ସାଜିଛନ୍ତି ସ୍ଥାନୀୟ ପ୍ରଶାସନର ସରକାରୀବାବୁ । ବିପକ୍ଷ ନେତାଙ୍କ ଇଙ୍ଗିତରେ ପ୍ରଶାସନର ବୁଲଡ଼ୋଜର ତାଳଚେରର ପାଉଁଶିଆ ମାଟିରେ ଘଡ଼ଘଡ଼ ହୋଇ ଘୂରିବୁଲୁଛି । କେଉଁଠି କାହା ନଡ଼ାଛପର ଘର ମଥାନରେ ବୁଲଡ଼ୋଜରର ବଙ୍କା ପାପୁଲି ଆଘାତ ଦେଲାଣି ତ କାହାର ଇଟା କାନ୍ଥ ମାଟିରେ ମିଶିଲାଣି । ବିରୋଧ କଲେ କେହି ଶୁଣୁନାହାନ୍ତି ଓ ବାବୁବାନେ ଉପରୁ ନିର୍ଦ୍ଦେଶ ମିଳିଥିବା ଦର୍ଶାଇ ବୁଲଡ଼ୋଜର ବେଗକୁ ବଢ଼ାଇ ଦେଉଛନ୍ତି । ସେଥିପାଇଁ ମର୍ମାହତ ବ୍ରଜ ପ୍ରଶାସନର ବାବୁମାନଙ୍କୁ ଅଭିଶାପ ଦେଇଥିବା ଆମ କାନରେ ବାଜିଛି । ତେବେ ଗରିବଙ୍କ ଘର ଭାଙ୍ଗିଥିବାରୁ ବାବୁମାନଙ୍କ ଘର ଭାଙ୍ଗୁ ବୋଲି ବ୍ରଜଙ୍କ ଅଭିଶାପ ସତରେ ଫଳିବ ତ ? ■

ଏହା ଏକ ବ୍ୟଙ୍ଗାତ୍ମକ ଆଲେଖ୍ୟ । ଏହାଦ୍ୱାରା କାହାର ସମ୍ମାନହାନି କରିବା ଆମ୍ଭର ଉଦ୍ଦେଶ୍ୟ ନୁହେଁ । ସାମ୍ପ୍ରତିକ ରାଜନୈତିକ ସ୍ଥିତିକୁ ମନୋରଞ୍ଜନ ଶୈଳୀରେ ପାଠକଙ୍କ ସାମ୍ନାକୁ ଆଣିବା ଏହାର ଏକମାତ୍ର ଲକ୍ଷ୍ୟ ।